**ସଂକ୍ଷେପରେ**

## ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ହାତୀପଲ

**ପାରଳାଖେମୁଣ୍ଡି, ୧୭।୪ (ସ୍ୱ.ପ୍ର.):** ଗଜପତି ଜିଲାରେ ଦୀର୍ଘ ୫ମାସ ବ୍ୟବଧାନ ପରେ ଓଡିଶା-ଆନ୍ଧ୍ର ସୀମାନ୍ତ ଗଜପତି ଜିଲାର ଅଗରଖଣ୍ଡି, ଭିନୋଲା ଏବଂ ଢାମୁଣିଗାଁ ଅଞ୍ଚଳରେ ପୁଣି ହାତୀ ଆତଙ୍କ ଦେଖିବାକୁ ମିଳିଛି । ଏହି ହାତୀପଲରେ ୬ଟି ହାତୀ ରହିଛନ୍ତି। ସେଥିରୁ ଦୁଇଟି ଦନ୍ତାହାତୀ, ଦୁଇଟି ମାଈ ହାତୀ ଏବଂ ଦୁଇଟି ଶିଶୁ ହାତୀ ଥିବା ଜଣାପଡିଛି। ଏହି ହାତୀମାନେ ଓଡିଶା-ଆନ୍ଧ୍ର ସୀମାନ୍ତବର୍ତ୍ତୀ ଆନ୍ଧ୍ରର ମିଳିଆପୁଟି ମଣ୍ଡଳରେ କିଛି ଦିନ ହେବ କ୍ଷୟକ୍ଷତି ଘଟାଇ ଆସୁଛନ୍ତି। ହାତୀପଲ ଗତ ଦୁଇ ଦିନତଳେ ଗଜପତି ଜିଲା ଗୋଷାଣୀ ବ୍ଲକର ଢାମୁଣିଗାଁ ନିକଟସ୍ଥ ମୁଖ୍ୟରାସ୍ତା ପାରିହୋଇ ଅଗରଖଣ୍ଡି ଓ ଭିନୋଲା ଗ୍ରାମକୁ ପଶିଛନ୍ତି । ସେଠାରେ ଥିବା ଆଖୁବାଡ ଏବଂ ପନିପରିବା କ୍ଷେତରେ ପଶି ହାତୀପଲ କ୍ଷୟକ୍ଷତି କରିଥିବା ଜଣେ ଚାଷୀ ପ୍ରକାଶ କରିଛନ୍ତି । ହାତୀପଲ ସେହିପାଖ ମାଟିରାସ୍ତା ଦେଇ ପାର୍ଶ୍ୱରେ ଥିବା ମହେନ୍ଦ୍ର ତନୟା ନଦୀ ପାର ହୋଇ ସୀମାନ୍ତରେ ଥିବା ପାହାଡ ପାଖ କାଜୁ ତୋଟାରେ ରହିଛନ୍ତି। ହାତୀପଲକୁ ଘୋଡାଇବା ପାଇଁ ଆନ୍ଧ୍ର ଜଙ୍ଗଲ ବିଭାଗ ପକ୍ଷରୁ ଚେଷ୍ଟା କରାଯାଇଥିଲା। ମାତ୍ର ସେମାନେ ଜଙ୍ଗଲକୁ ନ ଯାଇ ଗୋଷାଣି ବ୍ଲକର ଢାମୁଣିଗାଁ ଦେଇ ଅଗରଖଣ୍ଡି ଓ ଭିନୋଲା ଗ୍ରାମ ଅଞ୍ଚଳମୁହାଁ ହୋଇଛନ୍ତି। ଖାଦ୍ୟ ଏବଂ ଜଳର ଅନ୍ୱେଷଣରେ ହାତୀପଲ ଗ୍ରାମମୁହାଁ ହେଉଥିବା କୁହାଯାଉଛି। ଏନେଇ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ଗଜପତି ଜିଲା ବନବିଭାଗ ଏହି ଖବର ପାଇବା ଦିନଠାରୁ ଜିଲା ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କ ନିର୍ଦ୍ଦେଶକ୍ରମେ ଦେବଗିରି ରେଞ୍ଜ ଅଧିକାରୀ ଏମ୍.ନରସିଂହଙ୍କ ତତ୍ୱାବଧାନରେ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ଗୌଡ ଏବଂ କର୍ମଚାରୀମାନେ ଅଗରଖଣ୍ଡି, ଭିନୋଲା ଗ୍ରାମ ନିକଟସ୍ଥ ପାହାଡ ତଳି ଅଞ୍ଚଳରେ ଜଗି ରହି ହାତୀଙ୍କ ଗତିବିଧି ଉପରେ ତୀକ୍ଷଣ ଦୃଷ୍ଟି ରଖିଛନ୍ତି।

## ଟାଟା ସୁମୋ ଓଲଟି ଜଣେ ମୃତ, ଜଣେ ଗୁରୁତର

**କାଲିମେଲା, ୧୭।୪ (ଡି.ଏନ.ଏ.):** ମାଲକାନଗିରି ଜଲା କାଲିମେଲା ବ୍ଲକ ଅନ୍ତର୍ଗତ ମାଲକାନଗିରି ମୋଟୁ ଜାତୀୟ ରାଜପଥର ଏମଭି-୧୨୬ ଘାଟିରାସ୍ତା ନିକଟରେ ମଙ୍ଗଳବାର ରାତି ପ୍ରାୟ ୧୧ଟା ସମୟରେ ଭାରସାମ୍ୟ ହରାଇ ଏକ ଟାଟା ସୁମୋ ଓଲଟି ପଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛଇ। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପ୍ରଥମେ କାଲିମେଲା ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗାଡିଟି କାଲିମେଲା ଅଭିମୁଖେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ମୃତ ଯୁବକ ଜଣକ ଲୁଗେଲ ପଞ୍ଚାୟତର ଏମପିଭି-୮୨ ଗ୍ରାମର ବରୁଣ ମଣ୍ଡଳଙ୍କ ପୁଅ ବିରାଜ ମଣ୍ଡଳ(୨୨) ହୋଇଥିବା ବେଳେ ଆହତ ଯୁବକ ଜଣକ ଲୁଗେଲ ପଞ୍ଚାୟତ ଏମପିଭି-୮୩ ଗ୍ରାମର ସନ୍ତୋଷ ହାଲଦାରଙ୍କ ପୁଅ ଦିପୁ ହାଲଦାର ବୋଲି ଜଣାପଡିଛି ।

# ଆଜି ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍: ଭୋଟରଙ୍କ ଭିନ୍ନ ମତ

**ସୁନୀତ ମିଶ୍ର/ଆଶୀର୍ବାଦ ରାଉତ**
**ବ୍ରହ୍ମପୁର ଅଫିସ୍, ୧୭।୪**

- ଆସିକାକୁ ଅବହେଳା କରାଯାଇଛି
- ଭୋଟ ଦେବାକୁ ନେଇ ଦ୍ୱନ୍ଦ୍ୱରେ ଭୋଟର

ଚଳିତ ସାଧାରଣ ନିର୍ବାଚନରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୫ ଲୋକ ସଭା ଏବଂ ୩୫ ବିଧାନସଭା ଆସନ ପାଇଁ ମତ ଗ୍ରହଣ କରାଯିବ। ଏଥିରେ ରହିଛି ଗଞ୍ଜାମ ଜିଲାର ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳୀ ଏବଂ ଏହାର ଅର୍ନ୍ତଗତ ୭ ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ଆସିକା, ହିଞ୍ଜିଳି, ସାନଖେମୁଣ୍ଡି, ସୋରଡ଼ା, ପୋଲସରା, ଖଲ୍ଲିକୋଟ ଏବଂ କବିସୂର୍ଯ୍ୟନଗର। ପ୍ରଚାର ଶେଷ ହୋଇଛି। ଲୋକ ସଭା ଆସନ ପାଇଁ ଏଠାରେ ତ୍ରିକୋଣୀୟ ଲଢ଼େଇ ଦେଖିବାକୁ ମିଳିଛି। ବିଜେଡ଼ିରୁ ପ୍ରମିଳା ବିଷୋୟୀ ଏବଂ ଭାଜପାରୁ ଅନିତା ଶୁଭଦର୍ଶିନୀ ପ୍ରାର୍ଥୀ ହୋଇଥିବା ବେଳେ ଏମାନଙ୍କ ସମ୍ମୁଖରେ ରହିଛନ୍ତି ସିପିଆଇ ପ୍ରାର୍ଥୀ ରାମକୃଷ୍ଣ ପଣ୍ଡା।

ଭୋଟ୍‌ଦାନର ଦିନକ ପୂର୍ବରୁ ଅର୍ଥାତ୍ ବୁଧବାର ଧରିତ୍ରୀ ତରଫରୁ ଆସିକା ସହରର କେତେକ ଭୋଟର୍‌ଙ୍କ ସହ ଆଲୋଚନା କରାଯାଇଥିଲା। ବିଜେଡି ସରକାର ସମୟରେ ଆସିକାକୁ ଅବହେଳା କରାଯାଇଛି ବୋଲି ସେମାନେ ଅସନ୍ତୋଷର ସହ ପ୍ରକାଶ କରିଛନ୍ତି। କିନ୍ତୁ ଅନ୍ୟ ଦଳ ପ୍ରାର୍ଥୀମାନଙ୍କୁ ମଧ୍ୟ ସେତେଟା ପସନ୍ଦ କରିପାରୁ ନାହାନ୍ତି । ବିଧାନସଭା ଆସନ ପାଇଁ ଭୋଟ୍‌କୁ ନେଇ ଭୋଟର୍‌ଙ୍କ ମଧ୍ୟରେ ଭିନ୍ନମତ ରହିଥିବା ବେଳେ ଅଧିକାଂଶ କିନ୍ତୁ କେନ୍ଦ୍ରରେ ପୁଣି ଥରେ ମୋଦି ସରକାରଙ୍କୁ ଦେଖିବାକୁ ଚାହୁଁଥିବା କହିଛନ୍ତି। ଗତ ନିର୍ବାଚନରେ ଆସିକା ଲୋକ ସଭା ସମେତ ଏହା ଅନ୍ତର୍ଗତ ୭ ବିଧାନସଭା ଆସନରେ ଜିତିଥିଲା ଶାସକ ବିଜେଡ଼ି। କିନ୍ତୁ ଚଳିତ ଥର ବିଜେଡ଼ି ପାଇଁ ଏହି ରେକର୍ଡ଼ ବଜାୟ ରଖିବା ସହଜ ହେବ ନାହିଁ ବୋଲି ରାଜନୀତିରେ ରୁଚି ରଖୁଥିବା ଲୋକମାନେ ପ୍ରକାଶ କରିଛନ୍ତି ।

ଆସିକାର ଯୁବକ ପ୍ରସାଦ ପୃଷ୍ଟି କୁହନ୍ତି, ପ୍ରାର୍ଥୀଙ୍କୁ ଦେଖି ଭୋଟ୍ ଦେବୁ। ଏଠାରେ ଥିବା ମେଡ଼ିକାଲ୍‌ରେ ଡାକ୍ତର ନାହାନ୍ତି । ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରୁନି। ଏପରିକି ପୌର ପରିଷଦ ହୋଇପାରିଲାନି। ରାସ୍ତା ଘାଟ ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ। ଆସିକାରୁ ସରକାରୀ ଅଫିସ୍‌ଗୁଡ଼ିକୁ ଭଞ୍ଜନଗରକୁ ଉଠାଇ ନିଆଯାଇଛି। ଯେଉଁ ପ୍ରାର୍ଥୀ ଏଗୁଡ଼ିକର ସମାଧାନ କରିପାରିବ ବୋଲି ମୋର ହୃଦ୍‌ବୋଧ ହେବ, ମୁଁ ତାଙ୍କୁ ଭୋଟ୍ ଦେବି। ଆସିକାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବହେଳା କରିଥିବା ଯୋଗୁ ଏଠାରେ ଏଥର ପରିବର୍ତ୍ତନ ଆସିବ। ଅପରପକ୍ଷେ କେନ୍ଦ୍ରରେ ମୋଦି ସରକାର ଭଲ। ୫ ବର୍ଷରେ ସେ ଭଲ କାମ କରିଛନ୍ତି। ବହୁ ଦଶନ୍ଧି ହେଲା ଯାହା କଂଗ୍ରେସ କରିପାରି ନ ଥିଲା, ମୋଦି ଅଳ୍ପ ଦିନରେ ତାହାକୁ ସମ୍ଭବ କରିପାରିଛନ୍ତି ବୋଲି ସେ କହିଛନ୍ତି ।

ବ୍ୟବସାୟୀ ଶଙ୍କର ମହାରଣା କୁହନ୍ତି, ବିଜେଡ଼ିର ଯେଉଁ ଲୋକମାନଙ୍କୁ ନବୀନ ପଟ୍ଟନାୟକ ଏଠାରେ ଗୁରୁତ୍ୱ ଦେଉଛନ୍ତି, ସେମାନଙ୍କୁ ଆମର ପସନ୍ଦ ନାହିଁ। ଯେଉଁ ଭାଜପାକୁ ବିଜେଡ଼ି ବିରୋଧୀ ବୋଲି ଭାବୁଥିଲୁ, ଭୋଟ୍ ଦେବାକୁ ମନସ୍ଥ କରିଥିଲୁ, ସେମାନେ ଓଲଟି ବିଜେଡ଼ି ସହ ଗୁପ୍ତ ବୁଝାମଣାରେ ଅଛନ୍ତି। ଭୋଟ୍‌କୁ ନେଇ ଏଣୁ ଦ୍ୱନ୍ଦ୍ୱରେ ପଡ଼ିଯାଇଛୁ। ଆସିକାରେ ନବୀନ ପଟ୍ଟନାୟକ ଯେଉଁମାନଙ୍କୁ ଦାୟିତ୍ୱ ଦେଇଛନ୍ତି, ସେମାନଙ୍କ ଯୋଗୁ ଏ ଅଞ୍ଚଳ ପଛକୁ ଚାଲିଯାଇଛି। ବ୍ୟବସାୟୀ ପ୍ରଫୁଲ୍ଲ ଚନ୍ଦ୍ର ବେହେରା କୁହନ୍ତି, ଓଡ଼ିଶାରେ ଯେଉଁ ୧୯ବର୍ଷ ହେଲା ବିଜେଡ଼ି ଶାସନ ଚାଲିଛି, ସେଥିରେ ଆସିକାର କୌଣସି ଉନ୍ନତି ହୋଇନାହିଁ । ମେଡ଼ିକାଲ୍ ଅବ୍ୟସ୍ଥା ସାଂଘାତିକ। ଛିଙ୍କ ହେଲେ ମଧ୍ୟ ବ୍ରହ୍ମପୁରକୁ ଯିବାକୁ ପଡୁଛି। ଗତ କିଛି ବର୍ଷ ହେଲା ଲଗାତର ବନ୍ୟା ହେଉଛି। ଲୋକମାନେ ବିପୁଳ ଆର୍ଥିକ କ୍ଷତି ସହୁଛନ୍ତି। ସରକାର ଏ ଦିଗରେ କୌଣସି ପ୍ରତିକାର ବ୍ୟବସ୍ଥା କରୁନାହାନ୍ତି । କ୍ଷତିପୂରଣ ମଧ୍ୟ ଠିକ୍ ଭାବେ ମିଳୁନି। ଗତ ତିତ୍‌ଲି ବନ୍ୟାରେ ଆସିକା ଭାସିଲା। ହେଲେ ବିଜେଡିର କୌଣସି ବଡ଼ ନେତାଙ୍କ ଦେଖା ମିଳିଲାନି। ଏଣୁ ଓଡ଼ିଶାରେ ସରକାର ବଦଳିବା ଦରକାର। ହେଲେ କେନ୍ଦ୍ରରେ ମୋଦି ସରକାର ଭଲ। ରାଜ୍ୟରେ ପରିବର୍ତ୍ତନ ଚାହୁଁ, କିନ୍ତୁ କେନ୍ଦ୍ରରେ ନୁହଁ ବୋଲି ସେ କହିଛନ୍ତି । ସେହିଭଳି ବୁଦ୍ଧିଜୀବୀ ଶୁକାନ୍ତ ପାତ୍ର କୁହନ୍ତି, ଆସିକା ଲୋକ ସଭା ଏବଂ ବିଧାନସଭା ପାଇଁ ନବୀନ ପଟ୍ଟନାୟକ ପ୍ରାର୍ଥୀ ଘୋଷଣା କଲାପରେ ଲାଗୁଛି ଯେମିତି ସେ ଆସିକାକୁ 'ଅଶିକ୍ଷିତ ଆସିକା, ଅସୁରକ୍ଷିତ ଆସିକା' ଆଡ଼କୁ ଠେଲି ଦେଇଛନ୍ତି। ବିଜେଡ଼ିର ଲୋକପ୍ରତିନିଧିମାନେ କୌଣସି କାମ କରିନାହାନ୍ତି। ଆସିକାରେ ଠିକାଦାର ଏବଂ ମଦ ମାଫିଆଙ୍କୁ ନେଇ ରାଜନୀତି ଚାଲିଛି। ଲୋକ ପ୍ରତିନିଧିମାନେ ସମସ୍ୟା ବୁଝୁନାହାନ୍ତି। ଖାଲି ଭୋଟ୍ ପାଇଁ ଆସୁଛନ୍ତି। ଆସିକା ଲୋକ ସଭା ଆସନରୁ ନବୀନ ପଟ୍ଟନାୟକ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ହେଲେ ଆସିକାର ବିକାଶ ପାଇଁ ନବୀନ କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ସେ ପ୍ରକାଶ କରିଛନ୍ତି । ତେବେ କେନ୍ଦ୍ରର ମୋଦି ସରକାର ଭଲ ବୋଲି ସେ କହିଛନ୍ତି। ମୋଦିଙ୍କ ଯୋଗୁ ଭାରତ ଆଜି ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। ଏଣୁ ପୁଣି ଥରେ କେନ୍ଦ୍ରରେ ମୋଦି ସରକାର ଆସିବା ଆବଶ୍ୟକ ବୋଲି ସେ କହିଛନ୍ତି ।

ଆସିକା ସହରରେ ଲୋକମାନେ ପରିବର୍ତ୍ତନର କଥା କହୁଛନ୍ତି। ଏପରିକି ଶାସକ ବିଜେଡ଼ି ବିରୋଧୀ ହାୱା ମଧ୍ୟ ବିଗତ ଚାରି ଥର ଅପେକ୍ଷା ଚଳିତ ଥର ଅଧିକ ବୋହୁଥିବା ସାଧାରଣ ଭୋଟର୍‌ଙ୍କ ସହ ଆଲୋଚନା ପରେ ଜଣାପଡୁଛି। କିନ୍ତୁ ଏହି ପରିବର୍ତ୍ତନ କେତେ ସଫଳ ହେବ, ଏବଂ ବିରୋଧୀଙ୍କୁ ଏହା କେତେ ସୁହାଉଛି, ତାହା ମେ' ୨୩ରେ ନିର୍ବାଚନ ଫଳାଫଳ ପରେ ସ୍ପଷ୍ଟ ହେବ। ଏଠି ଲଗାତର ଭାବେ ବିଜେଡ଼ି ପ୍ରାର୍ଥୀ ବିଜୟୀ ହୋଇ ଆସୁଥିବା ବେଳେ ଏହା ବାମପନ୍ଥୀ ଗଡ଼ ବୋଲି ମଧ୍ୟ ବେଶ୍ ଜଣାଶୁଣା। ତଥାପି ମୋଦିଙ୍କ ପ୍ରତି ଜନସାଧାରଣଙ୍କ ଯେଉଁଭଳି ସମର୍ଥନ, ତାହା ଭୋଟ୍‌ରେ ଯେ ସମ୍ପୂର୍ଣ୍ଣ ରୂପାନ୍ତରିତ ହେବ, ତାହା ଜାଣିବା ଶୁଣିବା ମହଲରେ ବିଶ୍ୱାସ କରିପାରୁ ନାହାନ୍ତି। ମୁଖ୍ୟତଃ ତୃଣମୂଳସ୍ତରରେ ଭାଜପା ନିଜ ସଂଗଠନ ସୁଦୃଢ଼ ନ କରିବା କାରଣରୁ ହିଁ ସଫଳତା ନ ପାଇପାରେ ବୋଲି ଚର୍ଚ୍ଚା ଜୋର୍ ଧରୁଛି। ଏତେ ସବୁ କଥାକୁ ଲକ୍ଷ୍ୟ କଲେ ମଧ୍ୟ ଭୋଟର୍‌ଙ୍କ ପ୍ରକୃତ ମୁଡ୍ କାହାକୁ ସୁହାଇବ, ତାହା ଆକଳନ କରିବା କଷ୍ଟସାଧ୍ୟ ।

# ୬ ସାହିରେ ଘଟ ପରିକ୍ରମା

**ବ୍ରହ୍ମପୁର ଅଫିସ, ୧୭।୪**


ଶିଶୁମାନଙ୍କ ଛୋଡଗାଜିଆ ବେଶ।

- ମା' ଜ୍ୱଳାମୁଖୀ, ବୋଇତ ରଥ ଉନ୍ମୋଚିତ
- ମନମୋହିଲା ଶିଶୁଙ୍କ ଛୋଡଗାଜିଆ ବେଶ

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢୀଠାକୁରାଣୀ ଯାତ୍ରା ବୁଧବାର ୧୯ଦିନ ଅତିକ୍ରମ କରିଛି । ମଙ୍ଗଳବାର ମା'ଙ୍କ ପ୍ରିୟ ବିଞ୍ଛଣା ରଥ ଯାତ୍ରା ଦାଣ୍ଡକୁ ଆସିଛି । ଫଳରେ ଯାତ୍ରାସ୍ଥଳକୁ ଶ୍ରଦ୍ଧାଳୁ ଓ ମାନସିକ ବେଶଧାରୀଙ୍କ ଭିଡ ବଢିଛି । ଅପରପକ୍ଷରେ ବିଞ୍ଛଣା ପରେ ବୁଧବାର ଚନ୍ଦ୍ରମା ସାହିର ବୋଇତ ରଥ ଓ କାଲୁପାତ୍ର ସାହିର ମା' ଜ୍ୱଳାମୁଖୀ ରଥ ମା'ଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହାପରେ ଯାତ୍ରାସ୍ଥଳ ସମେତ ସମଗ୍ର ବ୍ରହ୍ମପୁର ଉତ୍ସବ ମୁଖର ହୋଇଉଠିଛି ।

ବୁଧବାର ଥିଲା ମା'ଙ୍କ ଦ୍ୱିତୀୟ ପର୍ଯ୍ୟାୟ ଘଟ ପରିକ୍ରମାର ତୃତୀୟ ଦିବସ । ପରମ୍ପରା ଅନୁସାରେ ସନ୍ଧ୍ୟା ଆଳତି ପରେ ମା'ଙ୍କ ଘଟ ଶୋଭାଯାତ୍ରା ଅସ୍ଥାୟୀ ପୀଠରୁ ବାହାରି ପ୍ରଥମେ ରାଜବାଟିକୁ ଯାଇଥିଲା । ମା' ଦେବକୀ ମୁଖ୍ୟ ଘଟକୁ ମୁଣ୍ଡାଇଥିବା ବେଳେ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱଘଟକୁ ମୁଣ୍ଡାଇ ରାଜବାଟିରେ ପହଞ୍ଚିଥିଲେ । ପ୍ରଧାନ ସେବକ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ଆଳତି ସହ ପୂଜାର୍ଚ୍ଚନା କରିଥିଲେ । ଏହାପରେ ମା'ଙ୍କ ଘଟ ୫ ସାହି ପରିକ୍ରମା କରିଥିଲା ।




ଘଟ ପ୍ରଥମେ ରାଜବାଟିରୁ ଗୁଡବଜାର, ବାଟୁଆରୀ ସାହି, ଷଣ୍ଢମହାନ୍ତି ସାହି ହୋଇ କାଲୁପାତ୍ର ସାହିକୁ ଯାଇଥିଲା । ସେଠାରେ ପରମ୍ପରା ଅନୁସାରେ ମା'ଙ୍କ ସମ୍ମୁଖରେ କାଲୁପାତ୍ର ସାହିର ମା' ଜ୍ୱଳାମୁଖୀଙ୍କ ମସ୍ତକ ସ୍ଥାପନ ହୋଇଥିଲା । ଏହାପରେ ମା' ରଥକୁ ଭକ୍ତଙ୍କ ପାଇଁ ଉତ୍ସର୍ଗ କରିଥିଲେ । କାଲୁପାତ୍ର ସାହିରେ ରଥ ଉନ୍ମୋଚନ ପର୍ବ ପରେ ମା'ଙ୍କ ଘଟ ଷଣ୍ଢ ମହାନ୍ତି ସାହି କେଦାରେଶ୍ୱର ପେଟା ହୋଇ ଚନ୍ଦ୍ରମା ସାହି ପରିକ୍ରମା କରି ନଡିଆ ବଜାର ଦେଇ ଅସ୍ଥାୟୀ ପୀଠକୁ ବାହୁଡିଥିଲା । ଚନ୍ଦ୍ରମା ସାହି ପରିକ୍ରମା ବେଳେ ମା'ଙ୍କ ଅନ୍ୟତମ ପ୍ରିୟ ରଥ ବୋଇତ ରଥ ଉନ୍ମୋଚନ ହୋଇଥିଲା । ଉପରୋକ୍ତ ସାହି ପରିକ୍ରମା ବେଳେ ସାହି ଲୋକାରଣ୍ୟ ହୋଇଯାଇଥିଲା । କାଲୁପାତ୍ର ସାହିରେ ମା'ଙ୍କ ରଥ ଉନ୍ମୋଚନ ପର୍ବକୁ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ସାହି ପରିକ୍ରମା ବେଳେ ମହିଳାମାନେ ମୁଖ୍ୟ ଘଟଧାରୀଙ୍କ ପାଦରେ ହଳଦୀ କର୍ପୂର ମିଶା ଜଳ ଢାଳି ପୂଜିଥିଲେ । ଅପରପାର୍ଶ୍ୱରେ ଯାତ୍ରା ଅବଧି ସରି ଆସୁଥିବାରୁ ମା'ଙ୍କ ଦର୍ଶନ ପାଇଁ ଭିନ୍ନ ଭିନ୍ନ ବେଶଧାରୀଙ୍କୁ ଦେଖିବାକୁ ମିଳିଥିଲା । ଦିନତମାମ ବାପଘରେ ଶ୍ରଦ୍ଧାଳୁ ଓ ମାନସିକ ବେଶଧାରୀଙ୍କ ସୁଅ ଛୁଟିଥିଲା । ବିଶେଷ କରି ଯାତ୍ରା ଦାଣ୍ଡରେ କିଛି କୁନି ଶିଶୁଙ୍କ ଛୋଡଗାଜିଆ ବେଶ ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା । ଯାତ୍ରା ପାଇଁ ସଜ ହେଉଥିବା ପ୍ରସିଦ୍ଧ ବାଘ ବେଶଧାରୀମାନେ ବାଘ ମୁଣ୍ଡକୁ ମା'ଙ୍କ ନିକଟରେ ପୂଜା କରି ଫେରିଥିଲେ । ଏହାପରେ ଆସନ୍ତା କିଛିଦିନ ମଧ୍ୟରେ ସହରରେ ମଣିଷ ବାଘ ଦଳ ମାତିବା ସହ ଯାତ୍ରାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ କରିବା ସ୍ପଷ୍ଟ ହୋଇଛି ।

# ମୁଖ୍ୟ ଆକର୍ଷଣ ସାଜିବ ଅଭିନନ୍ଦନ କଳାକୁଞ୍ଜ

**ବ୍ରହ୍ମପୁର ଅଫିସ, ୧୭।୪**

ମା' ବୁଢୀଠାକୁରାଣୀ ଯାତ୍ରାରେ ରଥ ଓ କଳାକୁଞ୍ଜ ଥାଏ ଅନ୍ୟତମ ଆକର୍ଷଣ । ପରମ୍ପରା ଅନୁସାରେ ମଙ୍ଗଳବାରୁ ରଥ ଯାତ୍ରା ଦାଣ୍ଡକୁ ଆସିବା ଆରମ୍ଭ ହୋଇଥିବା ବେଳେ ଏବେ ବିଭିନ୍ନ ବଜାର କମିଟି ପକ୍ଷରୁ କଳାକୁଞ୍ଜ ନିର୍ମାଣ କାର୍ଯ୍ୟ ଚାଲିଛି। ଦେଶୀବେହେରା ସହିକୁ ଲାଗି ରହିଥିବା ଗୁଡ ବଜାର, ଚକାଡୋଳା ବଜାର, ଶ୍ରୀକୃଷ୍ଣ ବଜାର, ଶଙ୍କର ମାର୍କେଟ, ଆନନ୍ଦ ବଜାର, ସାହୁ ବଜାର, ହୋଲ ସେଲ ପରିବା ମାର୍କେଟ, ରିଟେଲର ପରିବା ମାର୍କେଟ ପ୍ରଭୃତି ୯ ବଜାରରେ ବିଭିନ୍ନ ଆଧୁନିକ, ପୌରାଣିକ ବିଷୟବସ୍ତୁ ଉପରେ ବିଭିନ୍ନ କଳାକୁଞ୍ଜ ଦେଖିବାକୁ ମିଳିବ। ସେଥିମଧ୍ୟରୁ ଚକାଡୋଳା ବଜାର କମିଟି ପକ୍ଷରୁ କାଶ୍ମିରର ପୁଲିୱାମାରେ ଘଟିଥିବା ଆତ୍ମଘାତୀ ଆକ୍ରମଣ ଓ ଅଭିନନ୍ଦନ ଉପରେ କଳାକୁଞ୍ଜ ଦେଖିବାକୁ ମିଳିବ । ୮ ଫୁଟ ଉଚ୍ଚତା ଓ ୧୦ ଫୁଟ ଓସାର ବିଶିଷ୍ଟ ଏହି କଳାକୁଞ୍ଜ ଯାତ୍ରାର ଏକ ଅନ୍ୟତମ ଆକର୍ଷଣ ହେବା ନେଇ କମିଟି ପକ୍ଷରୁ କୁହାଯାଇଛି। ଅନ୍ୟଗୁଡିକ ମଧ୍ୟରେ ଗୁଡବଜାରରେ କୁବେର, ଶ୍ରୀକୃଷ୍ଣ ବଜାରରେ ଶ୍ରୀକୃଷ୍ଣ ଓ ଜାମ୍ବବାନ ଯୁଦ୍ଧ, ଶଙ୍କର ମାର୍କେଟରେ ଶ୍ରୀରାମ ଶବରୀଠାରୁ ଅଇଁଠା କୋଳି ଖାଇବା ଦୃଶ୍ୟର କଳାକୁଞ୍ଜ ଦେଖିବାକୁ ମିଳିବ। ସେହିପରି ଆନନ୍ଦ ବଜାରରେ କଣ୍ଢେଇନାଚ, ସାହୁ ବଜାରରେ ଭୈରବୀ, ହୋଲସେଲ ପରିବା ମାର୍କେଟରେ ସୀତା ପାତାଳୀ, ରିଟେଲର ପରିବା ମାର୍କେଟରେ ମହୀଶାସୁର ବଦ୍ଧ କଳାକୁଞ୍ଜ ପ୍ରଦର୍ଶୀତ ହେବାକୁ ଯୋଜନା ରହିଥିବା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ମିଳିଛି । ସମସ୍ତ କଳାକୁଞ୍ଜ ଆସନ୍ତା ୨୦ ପରେ ବାହାରିବାର ସମ୍ଭାବନା ରହିଥିବା କୁହାଯାଇଛି ।


ବାଘମୁଣ୍ଡକୁ ମା'ଙ୍କ ନିକଟରେ ପୂଜା କରିବାକୁ ଅଣାଯାଉଛି।

# ବିଜେଡିର ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

**ବ୍ରହ୍ମପୁର ଅଫିସ, ୧୭।୪**

ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୨ତମ ଶ୍ରାଦ୍ଧ ବାର୍ଷିକୀ ବ୍ରହ୍ମପୁର ମହାନଗର ବିଜେଡି ପକ୍ଷରୁ ବୁଧବାର ପାଳିତ ହୋଇଥିଲା। ପୂର୍ବାହ୍ନରେ କର୍ମୀମାନେ ନୀଳକଣ୍ଠେଶ୍ୱର ପୋଖରୀରେ ତୀଳତର୍ପଣ କରିଥିଲେ। ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରାସ୍ଥଳ ଦେଶୀ ବେହେରା ବଜାର ଛକ, ଆସିକା ରୋଡ ତାଲୁକା ଛକ ଏବଂ ବିଜୁ ପଟ୍ଟନାୟକ ପାର୍କ ପରିସରରେ ସ୍ଥାପିତ ସେହି ମହାନ ନେତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସମୂହ ପ୍ରାର୍ଥନା କରାଯାଇଥିଲା ।

କାର୍ଯ୍ୟକ୍ରମରେ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ରାଜ୍ୟ ବିଜେଡି ସମ୍ପାଦକ ଟି. ଗୋପି, ମହିଳା ବିଜେଡି ରାଜ୍ୟ ଉପସଭାନେତ୍ରୀ ମମତା ବିଶୋୟୀ, ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ, ଜିଲା ବିଜେଡି ଉପସଭାପତି ଶିବ ଶଙ୍କର ସାହାଣୀ ଯୋଗ ଦେଇଥିଲେ। ମହାନଗର ବିଜେଡି ସଭାପତି ବିଜୟ ସାମଲ ସଂଯୋଜନା କରିଥିବା ବେଳେ ଜିଲା ସାଧାରଣ ସମ୍ପାଦକ ଅନୀଲ ସାହୁ, ଜଗନ୍ନାଥ ସାବତ, ବିଜୁ କୃଷକ ସାମ୍ମୁଖ୍ୟ ନେତା ଜେ. ଶଙ୍କର ନାରାୟଣ, ଛାତ୍ର ବିଜେଡି ନେତା ସଞ୍ଜୟ ଜେନା ଓ ଅନ୍ୟମାନେ ସାମିଲ ହୋଇଥିଲେ। ଦଳ ପୂର୍ବତନ କର୍ପୋରେଟରମାନେ ଉପସ୍ଥିତ ଥିଲେ। ଦେଶୀ ବେହେରା ବଜାର ବ୍ୟବସାୟୀ ସଂଘ କର୍ମକର୍ତ୍ତାମାନେ ସ୍ୱତନ୍ତ୍ର ଭାବେ ପ୍ରତିମୂର୍ତ୍ତି ସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।


ବିଜୁ ପଟ୍ଟନାୟକ ପାର୍କ ଭିତରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବିଜେଡି କର୍ମୀଙ୍କ ପକ୍ଷରୁ ମାଲ୍ୟାର୍ପଣ।

## ବିଏମ୍‌ସିର ପ୍ଲାଷ୍ଟିକ ପୁନଃଚକ୍ରଣ ଯୋଜନା

# ପ୍ରଥମ ପ୍ରକ୍ରିୟାରେ ରାଗପିକର୍ସଙ୍କୁ ନିରାପତ୍ତା ତାଲିମ

**ବ୍ରହ୍ମପୁର ଅଫିସ, ୧୭।୪**

**୩୬ ଜଣଙ୍କୁ ବଣ୍ଟାଗଲା ନିରାପତ୍ତା ସାମଗ୍ରୀ**

ପ୍ଲାଷ୍ଟିକ ପୃଥିବୀର ଏକ ବଡ ସଙ୍କଟ ଭାବେ ଉଭା ହୋଇଛି । ବହୁଳ ପ୍ଲାଷ୍ଟିକ ସାମଗ୍ରୀ ଓ ପଲିଥିନର ବ୍ୟବହାର ଏବେ ସାରା ବିଶ୍ୱ ପାଇଁ ଏକ ବଡ ସଙ୍କଟ। ଏଗୁଡିକ ପୁନଃଚକ୍ରଣ କରିବାରେ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପଦକ୍ଷେପ ନେବାକୁ ଯାଉଛି । ପୂର୍ବରୁ ଏଥିପାଇଁ ବିଏମ୍‌ସି ସହ ଚୁକ୍ତିନାମା ସ୍ୱାକ୍ଷର କରିଥିବା ଜେମ୍ ଏନ୍‌ଭାର ମ୍ୟାନେଜମେଣ୍ଟ ବୁଧବାରରୁ ପ୍ରକ୍ରିୟା ଆରମ୍ଭ କରିଛି । ପ୍ରଥମ ପର୍ଯ୍ୟାୟରେ ସହରରେ ପ୍ଲାଷ୍ଟିକ ସାମଗ୍ରୀ ସଂଗ୍ରହ କରିଥିବା ରାଗପିକର୍ସ(ଅବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀ ଗୋଟାଉଥିବା ଲୋକ)ଙ୍କୁ ସାମଗ୍ରୀ ସଂଗ୍ରହ ସମୟରେ ଆବଶ୍ୟକତା ରହିଥିବା ନିରାପତ୍ତା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି । ସଂସ୍ଥାର ଇଷ୍ଟର୍ନ ହେଡ ବିକ୍ରମ ଶର୍ମା ତାଲିମଦାତା ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଛନ୍ତି । ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀକୁ ସଂଗ୍ରହ ବେଳେ ନିରାପତ୍ତା ବ୍ୟବସ୍ଥା ଉପରେ ସେ ବୁଝାଇଥିଲେ । ପ୍ଲାଷ୍ଟିକ ସାମଗ୍ରୀ ସଂଗ୍ରହ ବେଳେ ହାତରେ ଗ୍ଲୋବସ୍, ପାଦରେ ସୁଜ୍ ସହ ପରିଚୟ ପାଇଁ ସ୍ୱତନ୍ତ୍ର ଜାକେଟ, ମୁହଁରେ ମାକ୍ସ ଓ ଟୋପି ପିନ୍ଧିବା ଉପରେ ସଚେତନ କରାଇଥିଲେ । ଏହାପରେ ବିଏମ୍‌ସି ଏନ୍‌ୟୁଏଲଏମ ଦ୍ୱାରା ଚିହ୍ନଟ କରାଯାଇଥିବା ୬ ରାଗପିକର୍ସ ଗ୍ରୁପର ୩୬ ସଦସ୍ୟଙ୍କୁ ନିରାପତ୍ତା ପାଇଁ ବ୍ୟବହୃତ ଉପକରଣ ସୁଜ୍, ଗ୍ଲୋବସ, ଜାକେଟ, ଟୋପି ଓ ମାକ୍ସ ଆଦି ପ୍ରଦାନ କରିଥିଲେ ।


ନିରାପତ୍ତା ପୋଷାକରେ ରାଗପିକର୍ସ।

ସୂଚନାଯୋଗ୍ୟ, ପ୍ଲାଷ୍ଟିକ ଓ ପଲିଥିନର ଧ୍ୱସଂକାରୀ ପ୍ରଭାବକୁ ରୋକିବା ପାଇଁ ଗତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ସରକାର ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି । ତଥାପି ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଉପରେ ରୋକ ଲଗାଯାଇପାରୁ ନାହିଁ । ଅନ୍ୟପକ୍ଷରେ ପ୍ଲାଷ୍ଟିକ ସାମଗ୍ରୀକୁ ସଂଗ୍ରହ କରି ତାହାର ପୁନଃ ଚକ୍ରଣ କରିବା ଦିଗରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା । ରାଜ୍ୟର ପ୍ରଥମ ମହାନଗର ଭାବେ ପ୍ଲାଷ୍ଟିକ ପୁନଃ ଚକ୍ରଣ ୟୁନିଟ ବ୍ରହ୍ମପୁରରେ ଆରମ୍ଭ ନେଇ ମାର୍ଚ୍ଚ ୨ରେ ବିଏମ୍‌ସି ଓ ଦିଲ୍ଲୀ ଜେମ ଏନ୍‌ଭାର ମ୍ୟାନେଜମେଣ୍ଟ ସଂସ୍ଥା ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହାପରେ ସହରର ୩୬ ରାଗପିକର୍ସଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କ ମଧ୍ୟରୁ ପ୍ରତି ୬ ଜଣଙ୍କୁ ନେଇ ଗୋଟିଏ ଲେଖାଏ ଗ୍ରୁପ ଗଠନ କରାଯାଇଥିଲା । ଚୁକ୍ତିନାମା ଅନୁସାରେ ଉକ୍ତ ସଂସ୍ଥା ସହରରେ ରାଗପିକର୍ସଙ୍କୁ ନିରାପତ୍ତା ସାମଗ୍ରୀ ପ୍ରଦାନ କରିବା ସହ ରାଗପିକର୍ସଙ୍କଠାରୁ ପ୍ଲାଷ୍ଟିକ ସାମଗ୍ରୀକୁ ନେବ । ଏହାର ପୁନଃଚକ୍ରଣ କରିବ । ଏଥିସହ ଉକ୍ତ ସଂସ୍ଥା ବ୍ରହ୍ମପୁରଠାରେ ପ୍ରାୟ ୩୦୦୦ ବର୍ଗଫୁଟ ଅଞ୍ଚଳରେ ଏକ ରିସାଇକ୍ଲିନ ୟୁନିଟ ସ୍ଥାପନ କରିବାର ମଧ ଯୋଜନା ରହିଛି । ଏହାଦ୍ୱାରା ରାଗପିକର୍ସଙ୍କୁ ଉଚିତ ପାରିଶ୍ରମିକ ମିଳିବା ସହ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବା ନେଇ ବିଏମ୍‌ସି ପକ୍ଷରୁ କୁହାଯାଇଛି।

କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ନୋଡାଲ ସିଓ ଗୀତାଞ୍ଜଳି ସାମନ୍ତରାୟ, ଏନ୍‌ୟୁଏଲଏମର ସିଟି ମ୍ୟାନେଜର ନାସିର ଅଲ୍ଲୀ, ରାଜୀବ ମିଶ୍ର, କାଳୀ କୁମାର ସୁମନ ଓ ସମସ୍ତ ସିଓ(କମ୍ୟୁନିଟି ଅର୍ଗାନାଇଜର) ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଭାଜପାର ମିଶ୍ରଣ ପର୍ବ



**ବାସୁଦେବପୁର, ୧୭।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ମଣ୍ଡଳପୋଖରୀଠାରେ ମଙ୍ଗଳବାର ଅପରାହ୍ନରେ ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ପଦ୍ମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସଞ୍ଜୀବ କୁମାର ନାୟକଙ୍କ ସହ ତାଙ୍କର ଶତାଧିକ ସମର୍ଥକ ଭାଜପାରେ ଯୋଗ ଦେଇଛନ୍ତି। ଭଦ୍ରକ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବିଧାୟକ ପ୍ରାର୍ଥୀ ମାଧବାନନ୍ଦ ମଲ୍ଲିକ, ପୂର୍ବତନ ବିଧାୟକ ମଧୁସୂଦନ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପଣ୍ଡା ଓ ରବିନାରାୟଣ ଦାସ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବ ପରେ ପଦ୍ମପୁର ପଞ୍ଚାୟତରେ ଭାଜପାର ଶକ୍ତି ବୃଦ୍ଧି ଘଟିଛି।

### ବିଶ୍ୱଶାନ୍ତି ଯଜ୍ଞ

**ଭଦ୍ରକ ଅଫିସ, ୧୭।୪:** ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ବିରିଗଡ଼ିଆ(ରମ୍ଭିଳା) ମହାବୀର ସମିତି ପକ୍ଷରୁ ବିଶ୍ୱଶାନ୍ତି ଯଜ୍ଞ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ବହୁ ମହିଳା ଶ୍ରଦ୍ଧାଳୁ ଗ୍ରାମର ପ୍ରସିଦ୍ଧ ହନୁମାନ ମନ୍ଦିରରୁ କଳସ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଯଜ୍ଞବେଦୀରେ କଳସ ସ୍ଥାପନ କରିଥିଲେ। ମହାବୀର ବଜରଙ୍ଗ ବଲୀ କି ଜୟ ଓ ଜୟ ଶ୍ରୀରାମ ଧ୍ୱନିରେ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସୂର୍ଯ୍ୟପୂଜା, ହନୁମାନ ଚାଳିଶା ପାଠ, ରାମଯଜ୍ଞ, ଗୀତାଯଜ୍ଞ ଓ ଭଜନ କୀର୍ତ୍ତନ କରାଯାଇଥିଲା। ପ୍ରତ୍ୟହ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଅଜୟ ରାଉତ, ଶମ୍ଭୁନାଥ ନାୟକ, ଉପମନ୍ୟୁ ଖୁଣ୍ଟିଆ, ସନ୍ତୋଷ ଖୁଣ୍ଟିଆ, ମାନସ ଖୁଣ୍ଟିଆ, ରଘୁନାଥ ବେହେରା, କୁନା ବେହେରା, ରମାକାନ୍ତ ଖୁଣ୍ଟିଆ, ନରେନ୍ଦ୍ର ଦାସ ଓ ମନୋରଞ୍ଜନ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଦ ସହ ଗାଡ଼ି ଜବତ: ୩ ଗିରଫ

**ଭଦ୍ରକ ଅଫିସ, ୧୭।୪:** ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ବେଆଇନ ଚୋରାମଦ ବେପାର ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବୁଧବାର ୫୪ ଲିଟର ଦେଶୀମଦ ସହ ଏକ ବାଇକ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ନଚ୍ଛିପୁର ଗାଁର ପ୍ରହ୍ଲାଦ ବେହେରା, କୁଣ୍ଡିବାଗର ସାଗର ମୁଣ୍ଡା ଓ ଆଗରପଡ଼ା ଥାନା ଅନ୍ତର୍ଗତ ଗୋଡ଼କପାଟଣା ଗାଁର ଦୀପକ ଜେନା।

### ଜଳଛତ୍ର ଉଦ୍‌ଘାଟିତ

**ଭଦ୍ରକ ଅଫିସ, ୧୭।୪:** ଭଦ୍ରକ କାଉପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବୁଧବାର ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ପ୍ରବାଦପୁରୁଷ ଜନନାୟକ ବିଜୁ ପଟ୍ଟନାୟକଙ୍କ ୨୨ତମ ଶ୍ରାଦ୍ଧ ଦିବସ ଅବସରରେ ଶହୀଦ ଭଗତ୍ ସେନା ପରିବାର ପକ୍ଷରୁ ଯାତ୍ରୀ ଓ ପଥଚାରୀଙ୍କ ପାଇଁ ଜିଲାର ୬ଷ୍ଠ ଜଳଛତ୍ର ଖୋଲାଯାଇଛି। ଆବାହକ ସିତାଂଶୁ ମହାପାତ୍ରଙ୍କ ଦ୍ୱାରା ଜଳଛତ୍ର ଉଦ୍‌ଘାଟିତ ହୋଇଥିଲା।

## ବ୍ରହ୍ମପୁର ପୋଲିସ ଜିଲାରେ ଆପରାଧିକ ଧରପଗଡ଼

# ବିଭିନ୍ନ ମାମଲାରେ ୪୯୬ ଗିରଫ

**ବ୍ରହ୍ମପୁର ଅଫିସ,୧୭।୪**

ନିର୍ବାଚନ କମିଶନର ମାର୍ଚ୍ଚ ୧୦ ତାରିଖରେ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିଲେ। ଶାନ୍ତି ଶୃଙ୍ଖଳା, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଆଧାର କରି ବ୍ରହ୍ମପୁର ପୋଲିସ ଜିଲାରେ ଅପରାଧୀ ଧରପଗଡ଼ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶରେ ବିଭିନ୍ନ ଥାନା ପକ୍ଷରୁ ଅପରାଧୀଙ୍କୁ ଧରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ମାର୍ଚ୍ଚ ୧୨ ରୁ ଏପ୍ରିଲ ୧୬ ତାରିଖ ମଧ୍ୟରେ ବ୍ରହ୍ମପୁର ପୋଲିସ ଜିଲାର ୧୦ଥାନା ପକ୍ଷରୁ ଅପରାଧୀ ଧରପଗଡ଼ ଅଭିଯାନ ଆରମ୍ଭ କରାଯାଇଥିଲା । ଇତିମଧ୍ୟରେ ବିଭିନ୍ନ ମାମଲାରେ ୪୯୬ ଅପରାଧୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ସିଆରପିସି ୧୧୦ ଧାରା ଅନୁସାରେ ୨୧୮ ଜଣ ଓ ୧୦୭ ଧାରା ଅନୁସାରେ ୨୨୦୧ ଜଣଙ୍କୁ ନୋଟିସ ଜାରି କରାଯାଇଥିବା ବିଭିନ୍ନ ଥାନାଧିକାରୀଙ୍କଠାରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ବଡ଼ବଜାର ପୋଲିସ ଡକାୟତି ଯୋଜନାରେ ୫ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ତିନୋଟି ଖଣ୍ଡା ଓ ଦୁଇଟି ବୋମା ସମେତ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରିଥିଲା। ସେହିପରି ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ)ରେ ୩୬ ଜଣ ପେସାଦାର ଅପରାଧୀଙ୍କୁ ଗିରଫ କରିଛି। ବେଆଇନ ମଦ କାରବାରରେ ୧୬ ଜଣଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ମଦ ଜବତ କରିଥିଲା । ସିଆରପିସି ୧୧୦ ଧାରାରେ ୩୦ ଜଣଙ୍କୁ ଓ ୧୦୭ ଧାରା ଅନୁସାରେ ୧୨୧ ଜଣଙ୍କୁ ନୋଟିସ ଜାରି କରିଥିଲା। ଟାଉନ ଥାନା ପକ୍ଷରୁ ୫ ଡକାୟତଙ୍କୁ ଗିରଫ କରାଯିବା ସହ ଗୋଟିଏ ବନ୍ଧୁକ, ୨ ଖଣ୍ଡା, ୨ଟି ବୋମା ଜବତ କରାଯାଇଥିଲା। ବନ୍ଧୁକ ଧରି ଆତଙ୍କରାଜ ଚଳାଉଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦୁଇଟି ବନ୍ଧୁକ ଜବତ କରିଥିଲା। ୨୯ ଅପରାଧୀଙ୍କୁ ଏନ୍‌ବିଡବ୍ଲ୍ୟୁ ବଳରେ ଗିରଫ କରାଯାଇଥିଲା। ବେଆଇନ ମଦ କାରବାରରେ ୩୧ ଜଣଙ୍କୁ ଗିରଫ କରାଯାଇଥିଲା । ୧୧୦ ଧାରା ଅନୁସାରେ ୩୫ ଓ ୧୦୭ ଧାରା ଅନୁସାରେ ୧୫୦ ଜଣଙ୍କୁ ନୋଟିସ ଜାରି କରାଯାଇଥିଲା। ଗୋଷାଣୀନୂଆଗାଁ ଥାନା ପକ୍ଷରୁ ଦୁଇଟି ଡକାୟତି ମାମଲାରେ ୧୧ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ୨ଟି ବନ୍ଧୁକ, ୫ଟି ବୋମା ଓ ୩ ଖଣ୍ଡା ମଧ୍ୟ ଜବତ ହୋଇଥିଲା। ୨୮ ଜଣଙ୍କୁ ଏନ୍‌ବିଡବ୍ଲ୍ୟୁ ବଳରେ ଗିରଫ କରାଯାଇଥିଲା। ବେଆଇନ ମଦ ବିକ୍ରି ଅଭିଯୋଗରେ ୧୩ ଜଣଙ୍କୁ ଗିରଫ କରାଯିବା ସହ ମଦ ଜବତ ହୋଇଥିଲା। ୧୧୦ ଧାରା ଅନୁସାରେ ୨୭ ଓ ୧୦୭ ଧାରା ଅନୁସାରେ ୧୭୦ ଜଣଙ୍କୁ ନୋଟିସ ଜାରି କରାଯାଇଥିଲା। ବୈଦ୍ୟନାଥପୁର ପୋଲିସ ପକ୍ଷରୁ ଡ଼କାୟତି ଯୋଜନା ବେଳେ ୪ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ

### ୧୦ ବନ୍ଧୁକ, ୧୮ ଖଣ୍ଡା, ୨୦ ବୋମା ଜବତ

ନିକଟରୁ ଗୋଟିଏ ବନ୍ଧୁକ, ୨ ଖଣ୍ଡା, ୨ ବୋମା ଜବତ କରିଥିଲା। ଏନ୍‌ବିଡବ୍ଲ୍ୟୁ ବଳରେ ୯ ଜଣ ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ବେଆଇନ ମଦ କାରବାର କରୁଥିବା ୧୫ ଜଣଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ସିଆରପିସି ୧୧୦ ଧାରା ଅନୁସାରେ ୨୫ ଓ ୧୦୭ ଧାରା ଅନୁସାରେ ୮୧ ଜଣଙ୍କୁ ନୋଟିସ ଜାରି କରାଯାଇଥିଲା। ସଦର ଥାନା ପକ୍ଷରୁ ଦୁଇଟି ଡକାୟତି ମାମଲାରେ ୧୧ ଅପରାଧୀଙ୍କୁ ଗିରଫ କରାଯାଇଥିବା ବେଳେ ଦୁଇଟି ବନ୍ଧୁକ, ୫ ବୋମା ଓ ୪ ଖଣ୍ଡା ଜବତ କରାଯାଇଥିଲା। ଏନ୍‌ବିଡବ୍ଲ୍ୟୁ ବଳରେ ୩୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ବେଆଇନ ମଦ କାରବାର କରିଥିବା ୨୩ ଜଣଙ୍କୁ ଗିରଫ କରାଯାଇଥିଲା। ୧୧୦ ଧାରା ଅନୁସାରେ ୩୪ ଓ ୧୦୭ ଧାରା ଅନୁସାରେ ୪୮ ଜଣଙ୍କୁ ନୋଟିସ ଜାରି କରାଯାଇଥିଲା। ଜରଡ଼ା ଥାନା ପକ୍ଷରୁ ଫେରାର ଥିବା ୯ ଅପରାଧୀଙ୍କୁ ଏନ୍‌ବିଡବ୍ଲ୍ୟୁ ବଳରେ ଗିରଫ କରାଯାଇଥିଲା। ୨୮ ଜଣଙ୍କୁ ବେଆଇନ ମଦ କାରବାରରେ ଗିରଫ କରାଯାଇଥିଲା। ୧୧୦ ଧାରା ଅନୁସାରେ ୧୦ ଜଣ ଓ ୧୦୭ ଧାରା ଅନୁସାରେ ୬୧୭ ଜଣଙ୍କୁ ନୋଟିସ ଜାରି କରାଯାଇଥିଲା। କେ.ନୂଆଗାଁ ଥାନା ପକ୍ଷରୁ ୧୧ ଅପରାଧୀଙ୍କୁ ଏନ୍‌ବିଡବ୍ଲ୍ୟୁ ବଳରେ ଗିରଫ କରାଯାଇଥିବା ବେଳେ ବେଆଇନ ମଦ କାରବାର ଅଭିଯୋଗରେ ଲିପ୍ତ ଥିବା ୨୫ ଜଣଙ୍କୁ ଗିରଫ କରାଯାଇଥିଲା। ୧୧୦ ଧାରା ଅନୁସାରେ ୧୦ ଓ ୧୦୭ ଅନୁସାରେ ୩୯୦ ଜଣଙ୍କୁ ନୋଟିସ ଜାରି କରାଯାଇଥିଲା। ସେହିପରି ଗୋଳନ୍ଥରା ଥାନା ପକ୍ଷରୁ ଡ଼କାୟତି ଯୋଜନା ପ୍ରସ୍ତୁତ କରୁଥିବା ବେଳେ ୭ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ଦୁଇଟି ଖଣ୍ଡା, ୨ଟି ବୋମା ଜବତ ହୋଇଥିଲା। ଏନ୍‌ବିଡବ୍ଲ୍ୟୁ ବଳରେ ୧୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ବେଆଇନ ମଦ କାରବାରରେ ଲିପ୍ତ ଥିବା ୩୭ ଜଣଙ୍କୁ ଗିରଫ କରାଯାଇ ସେମାନଙ୍କ ନିକଟରୁ ବିପୁଳ ପରିମାଣର ମଦ ଜବତ ହୋଇଥିଲା। ୧୧୦ ଧାରା ଅନୁସାରେ ୨୧ ଓ ୧୦୭ ଧାରା ଅନୁସାରେ ୨୫୦ ଜଣଙ୍କୁ ନୋଟିସ ଜାରି ହୋଇଥିଲା । ସେହିପରି ଗୋପାଳପୁର ପୋଲିସ ଏକ ଡକାୟତି ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରିବା ସହ ଗୋଟିଏ ବନ୍ଧୁକ, ୨ ଖଣ୍ଡା, ୨ ବୋମା ଜବତ କରିଥିଲା। ଏନ୍‌ବିଡବ୍ଲ୍ୟୁ ବଳରେ ୧୨ ଜଣଙ୍କୁ ଓ ବେଆଇନ ମଦ କାରବାରରେ ଲିପ୍ତ ଥିବା ୧୦ ଜଣଙ୍କୁ ଗିରଫ କରିଥିଲା। ୧୧୦ ଧାରା ଅନୁସାରେ ୧୧ ଓ ୧୦୭ ଧାରା ଅନୁସାରେ ୧୭ ଜଣଙ୍କୁ ନୋଟିସ ଜାରି କରିଥିଲା। ସେହିପରି ଦିଗପହଣ୍ଡି ପୋଲିସ ଫେରାର ଥିବା ୪୬ ଜଣଙ୍କୁ ଏନ୍‌ବିଡବ୍ଲ୍ୟୁ ବଳରେ ଗିରଫ କରିଥିବା ବେଳେ ୨୨ ଜଣଙ୍କୁ ବେଆଇନ ମଦ କାରବାରରେ ଗିରଫ କରିଥିଲା। ୧୧୦ ଧାରା ଅନୁସାରେ ୧୫ ଓ ୧୦୭ ଧାରା ଅନୁସାରେ ୩୫୭ ଜଣଙ୍କୁ ନୋଟିସ ଜାରି କରାଯାଇଥିବା ନେଇ ଥାନା ସୂତ୍ରରୁ ପ୍ରକାଶ ।

## ସେଲ୍‌ଫି କର୍ଣ୍ଣର



ସୁନୀଲ



ବିଶ୍ୱ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଆସିକାରେ ରାଜନୈତିକ ହିଂସା



ଆଇଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ବ୍ରହ୍ମପୁର ଅଫିସ,୧୭।୪**

ଆସିକା ଲୋକ ସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ହିଂସା ନେଇ ବୁଧବାର ବ୍ରହ୍ମପୁର ଆଇଜିଙ୍କ ନିକଟରେ ଅଭିଯୋଗ ହୋଇଛି। ସିପିଆଇ(ଏମ୍-ଏଲ୍) ରେଡ୍‌ଷ୍ଟାର୍ ତରଫରୁ ଏହି ଅଭିଯୋଗ କରାଯାଇଛି । ଦଳର ଲୋକ ସଭା ପ୍ରାର୍ଥୀ ଶଙ୍କର ସାହୁ ଏବଂ ଦଳର ରାଜ୍ୟ ସମ୍ପାଦକ ଶିବରାମଙ୍କୁ ନେଇ ମଙ୍ଗଳବାର ଆସିକା ଥାନା ଅନ୍ତର୍ଗତ ଗୁଣ୍ଡପଡା ଗାଁରେ ନିର୍ବାଚନୀ ସଭା ଆୟୋଜନ କରାଯାଇଥିଲା। ସଭା ଆୟୋଜନ ଏବଂ ପରିଚାଳନା କରୁଥିବା ଗୁଣ୍ଡୁପଡା ଗାଁର ଯୁବକ ମହେନ୍ଦ୍ର ଗୌଡ଼ ଓ ଦୀପକ ବାଡ଼ତ୍ୟାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଉଭୟ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପରିବାର ବର୍ଗଙ୍କୁ ଥାନାରେ ଅଭିଯୋଗ କରିବାକୁ ରୋକାଯାଉଛି । ବିଜେଡ଼ି ଏବଂ ବିଜୁ ଯୁବ ବାହିନୀର କେତେକ କର୍ମୀ ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ଦଳ ଅଭିଯୋଗ କରିଛି । ତୁରନ୍ତ ଅଭିଯୋଗକୁ ଗ୍ରହଣ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଏବଂ ଦକ୍ଷିଣାଞ୍ଚଳ ଆଇଜିଙ୍କ ନିକଟରେ ଅଭିଯୋଗ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଉଭୟ ମହେନ୍ଦ୍ର ଏବଂ ଦୀପକଙ୍କ ପରିବାର ବର୍ଗ ସୁରକ୍ଷା ଦେବାକୁ ଦାବି କରିଛନ୍ତି। ଶାସକ ଦଳର ଗୁଣ୍ଡାଗର୍ଦ୍ଦିକୁ ଦଳ ତରଫରୁ ନିନ୍ଦା କରାଯାଇଛି। ଆଇଜିଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ଲୋକ ସଭା ପ୍ରାର୍ଥୀ ଶଙ୍କର ସାହୁ, ରାଜ୍ୟ ସମ୍ପାଦକ ଶିବରାମଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

## ପ୍ରଚାର ପାଇଁ ଏକାଠି

**ଧାମନଗର, ୧୭।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ଘନ ଘନ ବୈଠକ ଏବଂ କର୍ମୀ ସମ୍ମିଳନୀ ଦ୍ୱାରା ସମସ୍ତ ମନାନ୍ତର ମତାନ୍ତର ଭୁଲି ଏକାଠି ପ୍ରଚାର ଆରମ୍ଭ କରିଛନ୍ତି ଦଳୀୟ କର୍ମୀ। ମଙ୍ଗଳବାର ସନ୍ଧ୍ୟାରେ ଧୂଷୁରୀସ୍ଥିତ ବାସନ୍ତୀ ପଡ଼ିଆରେ ବିଶାଳ କର୍ମୀ ସମ୍ମିଳନୀ ଦ୍ୱାରା ପୁଣି ବିଜେଡିର ଦୁଇଗୋଷ୍ଠୀର ଛାମୁଆ ନେତାମାନେ ଏକତ୍ର ହୋଇ ନିର୍ବାଚନ ମଇଦାନକୁ ଓଲହ୍ଲାଇବା ପାଇଁ ଶପଥ ନେଇଛନ୍ତି। ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଧାମନଗର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କୁ ବିଜେଡି ଟିକେଟ ମିଳିଥିବାରୁ ରାଜେନ୍ଦ୍ର ଦଳୀୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିଲେ। ଭଦ୍ରକ ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଏବଂ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ରଙ୍କୁ ଭୋଟ ଦେଇ ଜିତାଇବାକୁ ସମ୍ମିଳନୀରେ ଆହ୍ୱାନ ଦିଆଯାଇଥିଲା। ସମସ୍ତ ମନାନ୍ତର ଭୁଲି ନବୀନ ସରକାରଙ୍କୁ ପୁଣି କ୍ଷମତାସୀନ କରାଯିବା ଏବଂ ବିରୋଧୀ ଦଳଠାରୁ ସମଦୂରତା ରକ୍ଷା କରିବା ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ସମସ୍ତ କର୍ମୀ ଏକଜୁଟ ହୋଇ ଭୋଟ ଦ୍ୱାରା ଜବାବ ଦେବାକୁ କୁହାଯାଇଥିଲା। ବ୍ଲକ ନାରୀନେତ୍ରୀ ସୁରତୀ ନାୟକ, ବ୍ଲକ ବିଜେଡି ଉପସଭାପତି ରାମଚନ୍ଦ୍ର ସାହୁ, ବରିଷ୍ଠ ନେତା ନାରାୟଣ ଚନ୍ଦ୍ର ସାହୁ, ହରେକୃଷ୍ଣ ପାତ୍ରୀ, ପ୍ରମୁଖ ଯୋଗଦେଇ ଦଳକୁ ଏକତ୍ର କରି ନିର୍ବାଚନ ବୈତରଣୀ ପାର୍ ହେବାକୁ ଶପଥ ନେଇଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ



ଟିଲୋରେ ବିଜେଡି କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ବନ୍ତ, ୧୭।୪ (ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋସ୍ଥିତ ଗଡ଼ଚଣ୍ଡି ପୀଠରେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସମ୍ପାଦକ ସୁବାସ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ରଥ ଦାସ, ରାଜ୍ୟ ମହିଳା ସମ୍ପାଦିକା ସୁଜାତା ଜେନା, ଜିଲାପରିଷଦ ସଭ୍ୟା ରେବତୀ ନାୟକ, ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ, ସରପଞ୍ଚ ନିହାରିକା ରାଉତ, ବରିଷ୍ଠ ସଭ୍ୟ ରବୀନ୍ଦ୍ର ଦାସ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା, ପଞ୍ଚାୟତ ସଭାପତି ବରୁଣ ନାୟକ, ସମିମ୍ ନୱାଜ୍ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଭଦ୍ରକ ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଓ ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବାକୁ ଭୋଟରଙ୍କୁ ସେମାନେ ନିବେଦନ କରିଥିଲେ। ପୂର୍ବତନ ସରପଞ୍ଚ ବିଜୟ ନାୟକ, ବିପିନ ରାଉତ, ପ୍ରବୀର ରାଉତ, ଶକ୍ତିଧର ରାଉତ, ଅଶୋକ ରାଉତ, ହୃଦୟ ରଞ୍ଜନ ମହାପାତ୍ର, ଆଦିକନ୍ଦ ମହାପାତ୍ର ଓ ସତ୍ୟରଞ୍ଜନ ମହାପାତ୍ର ପ୍ରମୁଖ ସହାୟତା କରିଥିଲେ।

ସେହିପରି ବସନ୍ତିଆସ୍ଥିତ କାଳୀପଡ଼ିଆଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ବସନ୍ତିଆ ସେବା ସମବାୟ ସମିତି ସଭାପତି ବସନ୍ତ କୁମାର ବେହେରା ସଭାପତିତ୍ୱ କରିଥିଲେ। ମନ୍ତ୍ରୀ ସାମଲ, ପୂର୍ବତନ ବିଧାୟକ ଦାସ, ରାଜ୍ୟ ମହିଳା ସମ୍ପାଦିକା ଜେନା, ଜିଲାପରିଷଦ ସଭ୍ୟା ନାୟକ, ବ୍ଲକ ବିଜେଡି ସଭାପତି ସାହୁ, ସରପଞ୍ଚ ସତ୍ୟପ୍ରିୟା ଜେନା, ପୂର୍ବତନ ସମିତିସଭ୍ୟା ସଞ୍ଜୁକ୍ତା ଦାସ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ।

## ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଆରଡି, ୧୭।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ଠାରେ ମହାବୀର ହନୁମାନ ମହାପ୍ରଭୁଙ୍କର ୩ୟ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଧାର୍ମିକ ଉତ୍ସବରେ ପ୍ରଭାତରେ ଗ୍ରାମର ନାରୀମାନେ କଳସ ଶୋଭାଯାତ୍ରାରେ ଯାଇ ବୈତରଣୀରୁ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏକ ଦିବସ ବ୍ୟାପୀ ଏହି ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଅଙ୍କୁରାରୋପଣ ଓ ଅଧିବାସ, କଳସ ଶୋଭାଯାତ୍ରା, ଚାଳିଶା ଓ ସୁନ୍ଦରାକାଣ୍ଡ ପାଠ, ଗୀତାପାଠ, ପୂର୍ଣ୍ଣାହୂତି ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଗାଁ ପୂରୋହିତ ପଣ୍ଡିତ ବ୍ରଜକିଶୋର ପଣ୍ଡା, ମୋହନ ଚରଣ ପଣ୍ଡା, ବୀର କିଶୋର ପଣ୍ଡା ପ୍ରମୁଖ ପୂଜା ସମାପନ କରିଥିଲେ। ମଧ୍ୟାହ୍ନରେ ଆଖପାଖ ୧୦ ଖଣ୍ଡ ଗ୍ରାମର ଶ୍ରଦ୍ଧାଳୁ ମାନେ ପ୍ରସାଦ ସେବନ କରିଥିଲେ। ପୂରୋହିତଙ୍କ ମନ୍ତ୍ରୋଚ୍ଚାରଣ, ଗ୍ରାମବାସୀଙ୍କ ହରିବୋଲ ଓ ହୁଳହୁଳି ଧ୍ୱନିରେ ଗାଁ ପରିବେଶ ଭକ୍ତିମୟ ହୋଇଥିଲା।

## ପୋଲିଂ ପାର୍ଟି ଗାଡ଼ିକୁ ମାଓବାଦୀ ପୋଡ଼ିଦେବା ଘଟଣା

# ପୋଲିଂ ପାର୍ଟିରେ ଥିଲେ ଦାରିଙ୍ଗବାଡ଼ିର ଶିକ୍ଷକ, ଭୟରେ ପରିବାର

**ଦାରିଙ୍ଗବାଡ଼ି,୧୭।୪(ଡି.ଏନ.ଏ)**

କନ୍ଧମାଳ ଜିଲା ଫୁଲବାଣୀ ନିର୍ବାଚନ ମଣ୍ଡଳୀ ଫିରିଙ୍ଗିଆ ଥାନା ମିଙ୍ଗୁନିପଦରର ୩୦ ନଂ. ବୁଥ୍‌କୁ ବୁଧବାର ଯାଉଥିବା ପୋଲିଂ ପାର୍ଟିକୁ ମାଓବାଦୀମାନେ ବାଟରେ ଅଟକାଇ ଗାଡ଼ି ପୋଡି ଦେଇଛନ୍ତି। ଉକ୍ତ ପୋଲିଂ ପାର୍ଟିରେ ଦାରିଙ୍ଗବାଡ଼ି ବ୍ଲକ ସଲାବାଡ଼ି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମୁରଲୀ ମାଝୀ ଥିଲେ ବୋଲି ମୁରଲୀଙ୍କ ସ୍ତ୍ରୀ ବନିତା କହିଛନ୍ତି। ପରିବାରଲୋକେ ମୁରଲୀଙ୍କ ଆସିବା ବାଟକୁ ଚାହିଁ ରହିଛନ୍ତି। ଏନେଇ ମୁରଲୀଙ୍କ ସହ ଫୋନରେ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ପୋଲିଂ ପାର୍ଟି ସହ ଯାଉଥିବା ବେଳେ ପ୍ରଥମେ ତାଙ୍କ ଗାଡି ସମ୍ମୁଖରେ ବ୍ଲାଷ୍ଟିଂ ହୋଇଥିଲା। ଭୟରେ ସେମାନେ ଆଗକୁ ନ ଯାଇ ଗାଡ଼ିରୁ ଓହ୍ଲାଇ ପଡିଥିଲେ। ୪ଜଣ ବନ୍ଧୁକଧାରୀ ପହଞ୍ଚି ତୁମେ କର୍ମଚାରୀ ତୁମର କିଛି ହେବାକୁ ଦିଆଯିବନି କହିଥିଲେ ଏବଂ ପୋଲିଂ ପାର୍ଟି ତାଙ୍କ ପୋଷାକ ବ୍ୟାଗ ମାଗିଥିଲେ। ସେସବୁ ବ୍ୟାଗକୁ ମାଓବାଦୀ ଦେଇଥିବା ବେଳେ ଅନ୍ୟ ସାମଗ୍ରୀ ସହ ଗାଡି ପୋଡି ଦେଇଥିଲେ। ପୋଲିଂ ପାର୍ଟିକୁ ବାଟ କଢାଇ ବୁଥ୍‌କୁ ନେଉଥିବା ଜଣେ ଶିକ୍ଷକଙ୍କ ବାଇକକୁ ମଧ୍ୟ ମାଓବାଦୀମାନେ ପୋଡି ଦେଇଥିବା ମୁରଲୀ କହିଛନ୍ତି। ସେ ଏବେ ଫୁଲବାଣୀ ସରକାରୀ ପଲିଟେକ୍‌ନିକ କଲେଜରେ ରହିଥିବା କହିଛନ୍ତି। ପରିବାରଙ୍କ ସହ ସେ ଫୋନରେ କଥା ହୋଇଛନ୍ତି। ପୋଲିସ ପ୍ରଶାସନ ତାଙ୍କୁ ଏବେ ବିଶ୍ରାମ ନେବାକୁ କହିଥିବା ମୁରଲୀ କହିଛନ୍ତି।



ମୁରଲୀଙ୍କ ବାପା, ମା', ସ୍ତ୍ରୀ ଓ ଦୁଇ ପୁଅ।



କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତ ମିଙ୍ଗୁନୁପଦରରେ ବୁଧବାର ମାଓବାଦୀମାନେ ପୋଲିଂ ପାର୍ଟି ଗାଡ଼ି ପୋଡିବା ପରେ ନିର୍ବାଚନ ପରିଚାଳନା ପାଇଁ ଯାଇଥିବା କର୍ମଚାରୀମାନେ ଫେରି ଆସିଛନ୍ତି।

## ସଂକ୍ଷେପରେ

### ୧.୮୫ ଲକ୍ଷ ଜବତ

**ହାଟଡ଼ିହୀ, ୧୭।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଅଣା ନିକଟରେ ଫ୍ଲାଇଂ ସ୍କ୍ୱାଡ ଯାଞ୍ଚ କରି ଜଣେ ବ୍ୟକ୍ତିଙ୍କଠାରୁ ୧ ଲକ୍ଷ ୮୫ ହଜାର ଟଙ୍କା ଜବତ କରିଛି। ନିକଟସ୍ଥ ବ୍ୟାଙ୍କରୁ ବ୍ୟକ୍ତି ଜଣଙ୍କ ନିଜ କାର୍ଯ୍ୟ ଲାଗି ଟଙ୍କା ଉଠାଣ କରି ସୁଝିବା ପାଇଁ ନେଉଥିଲେ ବୋଲି ଜଣାଯାଇଛି।

### କେନ୍ଦୁଝରରେ କାଳବୈଶାଖୀ ତାଣ୍ଡବ

**କେନ୍ଦୁଝର, ୧୭।୪(ଡି.ଏନ.ଏ.):** କେନ୍ଦୁଝର ଜିଲାରେ ବୁଧବାର କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ବହୁ ଅଞ୍ଚଳରେ କୁଆପଥର ମାଡ଼ ହୋଇଥିଲା। ବ୍ୟାପକ ଫସଲ ନଷ୍ଟ ହୋଇଛି। ସଦର ବ୍ଲକର ଶଙ୍କିରୀ ଗ୍ରାମ ପଞ୍ଚାୟତର ପୋଟଳ ଗାଁରେ ପବନ ଓ କୁଆପଥର ମାଡରେ ଜହ୍ନି, ବିଲାତି, କୋବି, ରୁମାଛୁଇଁ ଆଦି ପନିପରିବା ନଷ୍ଟ ହୋଇଛି। ଏହି କୁଆପଥର ମାଡରେ ଏକାଧିକ ପକ୍ଷୀଙ୍କର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ଏଥିସହିତ ପାଟଣା ବ୍ଲକର ବାଉଁଶୂଳୀ, ଭୁଅଁରପୁର, ଖିରେଇଟାଙ୍ଗିରୀ, ଭୁଲୁଦା, ରେଙ୍ଗାଲବେଡା, ଅର୍ଗିକଳା, ଚିଲିଦା ଅଞ୍ଚଳରେ ମଧ୍ୟ କୁଆପଥର ମାଡ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି।

### 'ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଅ'

**କେନ୍ଦୁଝର, ୧୭।୪ (ସ୍ୱ.ପ୍ର./ଡି.ଏନ.ଏ.):** ସାଧାରଣ ନିର୍ବାଚନ ୨୦୧୯ ପରିପ୍ରେକ୍ଷୀରେ ଜିଲା ନିର୍ବାଚନ କାର୍ଯ୍ୟାଳୟରେ ଖୋଲ ଯାଇଥିବା କଂଟ୍ରୋଲ୍ ରୁମ୍‌କୁ ଆସୁଥିବା ଆପତ୍ତି ଅଭିଯୋଗଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଶିଷ ଠାକରେ ନିର୍ଦ୍ଦେଶ ଦେଇଛନ୍ତି। ଭାରତର ନିର୍ବାଚନ କମିଶନ ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଜନସାଧାରଣ ଫୋନ୍ ମାଧମରେ ଆପତ୍ତି ଅଭିଯୋଗ ଜଣାଇବା ପାଇଁ ଜିଲା ନିର୍ବାଚନ କାର୍ଯ୍ୟାଳୟରେ କଂଟ୍ରୋଲ୍ ରୁମ୍ ଖୋଲା ଯାଇଛି। ଫୋନ୍ ନଂ ୦୬୭୬୬-୨୫୫୪୯୫ ଏବଂ ୦୬୭୬୬-୨୫୫୪୯୭ କାର୍ଯ୍ୟକ୍ଷମ ହୋଇଛି। କେନ୍ଦୁଝର ଲୋକସଭା ନିର୍ବାଚନ ମଣ୍ଡଳୀ, ତେଲକୋଇ, ଘସିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର ଓ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କିତ ଯେ କୌଣସି ଆପତ୍ତି ଅଭିଯୋଗ ଉପରୋକ୍ତ ଫୋନ୍ ମାଧମରେ ଜଣାଇବାକୁ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି।

# ଏଥର ଟୁସୁ କନିଆ, ଶଙ୍କର ବର

ମାନସ ରଞ୍ଜନ ବିଶ୍ୱାଳ

ବାଲେଶ୍ୱର ଅଫିସ,୧୭।୪



ଶିଳ୍ପୀଙ୍କ ଦ୍ୱାରା ଜଉକଣ୍ଢେଇ ଗଢାଯାଉଛି।

**ଜଉକଣ୍ଢେଇ ବାହାଘର**
- ବାଲେଶ୍ୱର ତ୍ରିବେଣୀ ଘାଟରୁ ଅଣାଗଲା ମାଟି ଓ ଜଳ
- କଣ୍ଢେଇ ନିର୍ମାଣ ସମେତ ସମସ୍ତ ପ୍ରସ୍ତୁତି କାର୍ଯ୍ୟର ଶୁଭାରମ୍ଭ
- ମେ ୨୯ରୁ ଜୁନ ୨ ତାରିଖ ଯାଏ ବାହାଘର

ବାଲେଶ୍ୱରରେ ପ୍ରତିବର୍ଷ ପାଳିତ ହେଉଥିବା ଜଉକଣ୍ଢେଇ ବାହାଘର ଲୋକକଳା ଓ ସଂସ୍କୃତି, ଲୋକକଥା, ଲୋକସାହିତ୍ୟ ପରମ୍ପରାରେ ଏକ ଅଦ୍ୱିତୀୟ ଲୋକପର୍ବର ମାନ୍ୟତା ଲାଭ କରିଛି।। କେବଳ ଓଡିଶାରେ ନୁହେଁ, ସାରା ଭାରତରେ ଏଭଳି ଉତ୍ସବ ପାଳନ ବିରଳ। ଜାତି-ଧର୍ମବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏଥିରେ ସାମିଲ ହୋଇ ପୁରାତନ ସଂସ୍କୃତିକୁ ଉଦ୍‌ଜୀବିତ ରଖି ଆସୁଛନ୍ତି।

୨୦୧୧ରୁ ବାଲେଶ୍ୱରର ଆରମ୍ଭ ହୋଇଥିବା ଜଉକଣ୍ଢେଇ ବାହାଘର ବର୍ଷକୁ ବର୍ଷ ଅଧିକ ଆକର୍ଷଣୀୟ ରୂପ ନେଇ ଲୋକାଦୃତ ହେବାରେ ଲାଗିଛି। ଦୀର୍ଘ ଅଢ଼େଇ ମାସ ଧରି ପାଳିତ ହେଉଥିବା ଏହି ଉତ୍ସବର ଏଥର ପର୍ବ ଦୋଳ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିଲା। ସେଦିନ ଜଉକଣ୍ଢେଇରେ ନିର୍ମିତ ହେବାକୁ ଥିବା କନିଆ ଓ ବରଙ୍କ ନାମକରଣ କରାଯାଇଥିଲା। ରାମନବମୀରେ କନିଆବର ଜଉକଣ୍ଢେଇ ନିର୍ମାଣର ଶୁଭାରମ୍ଭ ହୋଇଥିଲା। ଏହାପରେ ଚନ୍ଦନ ପୂର୍ଣ୍ଣୀମାରେ ଲଗ୍ନଧରା ଯାଇ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ବାହାଘର ହେବା କାର୍ଯ୍ୟକ୍ରମ ରହିଛି। ସାବିତ୍ରୀ ଅମାବସ୍ୟାର ଆଗ ଦିନ ଚତୁର୍ଥୀ ଭୋଜି ହୋଇ ପର୍ବର ପରି ସମାପ୍ତି ଘଟିବ। ବିଲୁପ୍ତ ଲୋକକଳାକୁ ଉଦ୍‌ଜୀବିତ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଜଉକଣ୍ଢେଇ ବାହାଘର ଉତ୍ସବ ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଛି।

ଏଥର ଜଉକଣ୍ଢେଇ କନିଆ ଓ ବରଙ୍କ ନାମ ଟୁସୁ ଓ ଶଙ୍କର ରଖାଯାଇଛି। ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ପକ୍ଷରୁ ବାଲେଶ୍ୱର ସହର ଉପକଣ୍ଠ ବାମପଦାସ୍ଥ ନୋସି ଉତ୍କଳାରେ ଟୁସୁ ଓ ଶଙ୍କର ଜଉକଣ୍ଢେଇଙ୍କ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହେବା ଅବସରରେ ଏକ ଭବ୍ୟ ସଭା ଆୟୋଜିତ ହୋଇଥିଲା। ତ୍ରୀବେଣୀଶ୍ୱର ଭାଗବତ ପୀଠର ମଠାଧୀଶ ଦୟାନନ୍ଦ ଦାସ ମହାରାଜ ଗତ ଶନିବାର ସନ୍ଧ୍ୟାରେ ଏହାକୁ ଉଦ୍‌ଘାଟନ କରିଥିଲେ। ଜଉକଣ୍ଢେଇ ବାହାଘରର ଆବାହକ ଶିଳ୍ପୀ କେଶୁଦାସ ମଞ୍ଚ ଆହ୍ୱାନ କରିଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ଇଂ. ହୃଷିକେଶ ସାହୁ ପୌରୋହିତ୍ୟ କରିଥିଲେ। ସମ୍ପାଦକ ଡା. କୁମାର ଗୋପାଳ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅମୃତବେଳାରେ ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋଣ ନଦୀର ସଂଗମସ୍ଥଳରେ ଥିବା ତ୍ରିବେଣୀ ଘାଟରୁ ପୂଜାପାଠ କରାଯାଇ ମାଟି ଓ ଜଳ ଅଣାଯାଇଥିଲା। ନିରଞ୍ଜନ ଗିରିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। କାଠସଂଗଡ଼ାର ସଂକୀର୍ତ୍ତନ ଦଳର ଶୋଭାଯାତ୍ରା ମଧ୍ୟରେ ଏହି ପବିତ୍ର ମାଟି ଓ ଜଳକୁ ନୋସି ଉତ୍କଳାକୁ ଅଣାଯାଇଥିଲା। ପରେ ଶିଳ୍ପୀ କନକଲତା ଦାସ ଓ ସାଥୀମାନେ ଉକ୍ତ ମାଟି ଓ ପାଣିରେ ଜଉକଣ୍ଢେଇ ଗଢ଼ିବା ଆରମ୍ଭ କରିଥିଲେ। ଉତ୍ସବରେ ନୋସାକା ତଥା କନ୍ୟା ଅନମୋଲର ମୁଖ୍ୟ ସରୋଜ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ବ୍ରହ୍ମନାଥ ରଥ ଓ ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଜଉକଣ୍ଢେଇର ପରମ୍ପରା ଉପରେ ଆଲୋକପାତ କରିଥିଲେ। କମିଟିର ସଦସ୍ୟା ରଚନା ସେନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମର ଶିଶୁ କଣ୍ଠଶିଳ୍ପୀ ବୈଶାଖୀ ଗିରି ଓ ଶ୍ରାବଣୀ ଗିରି ଜଗନ୍ନାଥ ଜଣାଣ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଜଉକଣ୍ଢେଇ ଶିଳ୍ପୀ ଭାନୁମତୀ ସାହୁ, ଫୁଲମଣୀ ସିଂ, ରଜନୀ ସାହୁ, ମମତା ସିଂ, ଯଶୋମିତ୍ରା ସିଂ, ରୁନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଭୀମପୁରାସ୍ଥ କୋଶମ୍ବନଗରର ଦୁବଲାଗଡ଼ରେ ୧ମାସ ଧରି ମାଗଣା ଜଉକଣ୍ଢେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ ବୋଲି କମିଟି ତରଫରୁ ଘୋଷଣା କରିଯାଇଥିଲା। ଆସନ୍ତା ୩୦ ତାରିଖରେ ଲଗ୍ନଧରା ଓ ମେ ୨୯ରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ବାହାଘର କାର୍ଯ୍ୟକ୍ରମ ବାଲେଶ୍ୱରର ଗାନ୍ଧୀ ସ୍ମୃତି ଭବନଠାରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଚଳିତବର୍ଷ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ବରେଣ୍ୟ ଅତିଥିଙ୍କୁ ଏହି ଉତ୍ସବକୁ ଆମନ୍ତ୍ରିତ କରାଯିବା ଲାଗି ଲକ୍ଷ୍ୟ ରଖାଯାଇଛି।

### ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନୂତନ ଦାୟିତ୍ୱ

**ବାଲେଶ୍ୱର ଅଫିସ, ୧୭।୪:** ଭାରତୀୟ ଜନତା ପାର୍ଟି ପକ୍ଷରୁ ୪ର୍ଥ ପର୍ଯ୍ୟାୟ ନିର୍ବାଚନକୁ ଆଖି ଆଗରେ ରଖି ବାଲେଶ୍ୱର ସଂସଦୀୟ କ୍ଷେତ୍ରର ନିର୍ବାଚନ ପ୍ରଚାରକୁ ଅଧିକ ବ୍ୟାପକ ଓ ତ୍ୱରାନ୍ୱିତ ଏବଂ ସାଂଗଠନିକ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ରଙ୍କୁ ବାଲେଶ୍ୱର ସଂସଦୀୟ କ୍ଷେତ୍ର ନିର୍ବାଚନ ପ୍ରଚାର କମିଟିର ଆବାହକ ଭାବେ ଅତିରିକ୍ତ ଦାୟିତ୍ୱ ସଂସଦୀୟ ପ୍ରଚାର କମିଟିର ଅଧ୍ୟକ୍ଷ ଶୁଭଙ୍କର ମହାପାତ୍ର ମନୋନୟନ କରିଛନ୍ତି। ବାଲେଶ୍ୱର ଲୋକସଭା ଅନ୍ତର୍ଗତ ୭ଟି ବିଧାନସଭା କ୍ଷେତ୍ରରେ ପ୍ରଚାର ସଂଯୋଜକ ଭାବେ ୭ଜଣ କାର୍ଯ୍ୟକର୍ତ୍ତାଙ୍କୁ ନିଯୁକ୍ତି ଦେଇଛନ୍ତି। ରେମୁଣା ବିଧାନସଭା ପାଇଁ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ବିପିନ ଦାସ, ନୀଳଗିରି ବିଧାନସଭା ପାଇଁ ଜିଲା ଯୁବମୋର୍ଚ୍ଚା ସଭାପତି ସମର ଶଙ୍କର କାନୁନ୍‌ଗୋ, ଭୋଗରାଇ ବିଧାନସଭା ପାଇଁ ମାନସ ମହାନ୍ତି, ବସ୍ତା ବିଧାନସଭା ପାଇଁ ତୁଷାର ବେହେରା, ବାଲେଶ୍ୱର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସୂର୍ଯ୍ୟନାରାୟଣ ରଥ, ଜଳେଶ୍ୱର ବିଧାନସଭା ପାଇଁ ମନୋଜ ସାସମଲ, ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବ୍ରଜ ମୋହନ ବେହେରାଙ୍କୁ ବିଧାନସଭାର ପ୍ରଚାର ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଜିଲା ମିଡିଆ ସଂଯୋଜକ ଗୌରାଙ୍ଗ ଦାସ ଲିଖିତ ବିବୃତିରେ ସୂଚନା ଦେଇଛନ୍ତି।

# ସ୍ୱାଧୀନ ପ୍ରାର୍ଥୀଙ୍କୁ ଯୁବକଙ୍କ ସମର୍ଥନ



ଶୋଭାଯାତ୍ରାରେ ସ୍ୱାଧୀନ ପ୍ରାର୍ଥୀ ଶ୍ରୀମନ୍ତ ତ୍ରିପାଠୀଙ୍କ ସହ ଯୁବ ସଙ୍ଗଠନ କର୍ମକର୍ତ୍ତା।

ବଡ଼ବିଲ,୧୭।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବଡବିଲ ଅଞ୍ଚଳରେ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ନିର୍ବାଚନ ଆଚରଣବିଧିକୁ ଉଲ୍ଲଂଘନ କରି ବିଭିନ୍ନ ଛକ ସ୍ଥାନରେ ସରକାରୀ ଜମିରେ ପ୍ରାର୍ଥୀଙ୍କର ପ୍ରଚାର ବ୍ୟାନର ଲାଗିଛି। ପୌରାଞ୍ଚଳର ବିଭିନ୍ନ ୱାର୍ଡର ସରକାରୀ ଜମି ଜବରଦଖଲ ସ୍ଥାନରେ ଦଳୀୟ ବୁଥ କାର୍ଯ୍ୟାଳୟ ଗୁଡିକ ଖୋଲା ଯାଇଛି। ସେଥିନେଇ କାହାରି ନଜର ନ ଥିଲା ବେଳେ ପ୍ରଶାସନିକ ଅଧିକାରୀଙ୍କ ଜାଣତରେ ଏଭଳି ହୋଇଥିବା ଲୋକେ ଆଲୋଚନା କରୁଛନ୍ତି। ଆଗାମୀ ନିର୍ବାଚନରେ ଭାଜପା ଓ ବିଜେଡି ମଧ୍ୟରେ କଡା ଟକ୍କର ହେବ ବୋଲି ଜଣାଯାଇଛି। ଏପଟେ ବିଧାୟକ ସନାତନଙ୍କ ସମର୍ଥିତ ପ୍ରାର୍ଥୀ ବିଜେଡିରୁ ଟିକେଟ ପାଇଛନ୍ତି। ସନାତନ ଓ ଜିତୁଙ୍କ ସମର୍ଥକ ଏକରକମମ ଚୁପ ହୋଇ ବସିଛନ୍ତି। କୁଶଙ୍କ ସମର୍ଥକ ବୁଧବାର ବଲାଣୀ ଥାନାଞ୍ଚଳର ଏକ ନଦୀକୂଳରେ ବୈଠକ କରିଥିଲେ ବୋଲି ଆଲୋଚନା ହେଉଛି। ସେହିଭଳି ବିଜେଡିରେ ଆଉ କେତେକ ସମର୍ଥକ ବଡବିଲ ସହର ଉପକଣ୍ଠରେ ଥିବା କାରୋନଦୀକୂଳରେ ବୈଠକ କରିଥିଲେ। ଏ ନେଇ ନାନା କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଏପଟେ ଭାଜପାରୁ ଟିକେଟ ନ ପାଇ ଚମ୍ପୁଆ ବିଧାନସଭା ଆସନ ପାଇଁ ସ୍ୱାଧୀନ ଭାବେ ଶ୍ରୀମନ୍ତ ତ୍ରିପାଠୀ ନିର୍ବାଚନ ଲଢ଼ୁଛନ୍ତି। କେତେକ ଯୁବକ ସମର୍ଥନ ଜଣାଇ ବୁଧବାର ସ୍ଥାନୀୟ ଗୋପବନ୍ଧୁ ଛକଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ପ୍ରଚାର କରିଥିଲେ।

### ଗୋପାଳଜୀଉ ମଠରେ ନାମଯଜ୍ଞ

କେନ୍ଦୁଝର, ୧୭।୪(ଡି.ଏନ.ଏ.)

କେନ୍ଦୁଝର ପୁରୁଣାସହରର ଶ୍ରୀବଳଦେବଜୀଉ ମନ୍ଦିର ନିକଟସ୍ଥ ତଥା ବଡଦାଣ୍ଡଠାରେ ଅବସ୍ଥିତ ଗୋପାଳଜୀଉ ମଠରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ୭୦ ବର୍ଷ ହେଲା ଏଠାରେ ପଣାସଂକ୍ରାନ୍ତୀ ଅବସରରେ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ କେନ୍ଦୁଝର ଜିଲା ତଥା ଜିଲା ବାହାରୁ ବହୁ ସଂକୀର୍ତ୍ତନ ଦଳ ଆସି ନାମ ପରିବେଷଣ କରିଥିଲେ। ବିଶେଷ କରି ମହିଳା ସଂକୀର୍ତ୍ତନ ଦଳଙ୍କ ହରେକୃଷ୍ଣ ହରେରାମ ଧ୍ୱନି ଉଚ୍ଚାରଣରେ ବଡଦାଣ୍ଡ ପରିବେଶ ବେଶ ଆଧ୍ୟାତ୍ମିକ ହୋଇ ପଡିଥିଲା। ପଣାସଂକ୍ରାନ୍ତୀରେ ଏହି ନାମଯଜ୍ଞ ଆରମ୍ଭ ହୋଇ ବୁଧବାର ଶେଷ ହୋଇଛି। ଏହି ନାମଯଜ୍ଞରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରଞ୍ଜନ ତ୍ରିପାଠୀ, ବିଜୟ ଚକ୍ରବର୍ତ୍ତୀ, ବାବୁଲୁ ପତି, ଶୁଭ ମହାରଣା, ପ୍ରଦୀପ ମିଶ୍ର, ସରିତ ମହାରଣା, ବିନୋଦ ମହାରଣା, ବିନୋଦ ଗୁଇଁ ପ୍ରମୁଖ ଅଂଶଗହଣ କରିଥିଲେ।

# ଭାଜପାରେ ମିଶିଲେ ଅନ୍ୟ ଦଳ କର୍ମୀ

ବାଲେଶ୍ୱର ଅଫିସ,୧୭।୪

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀର ଖରିଦ୍ ମୁଖୁରା ପଞ୍ଚାୟତର ବଡୁଆ ଗ୍ରାମର ଶତାଧିକ ବିଜେଡି ନେତା ଓ କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଓ ଯୁବନେତା ଇଂ. ଦୀପକ ମଲ୍ଲିକଙ୍କ ନେତୃତ୍ୱରେ ଭାଜପାରେ ଯୋଗଦାନ କରିଛନ୍ତି। ଦେବାଶିଷ ମଲ୍ଲିକ, ରଞ୍ଜିତ ମହାପାତ୍ର, ପ୍ରଣବ ମହାପାତ୍ର, ଚନ୍ଦନ ମଲ୍ଲିକ, କିରଣ ମଲ୍ଲିକ, ମନୋଜ ମଲ୍ଲିକ, ମନ୍ଥନ ମଲ୍ଲିକ, ଜୟପ୍ରକାଶ ମଲ୍ଲିକ, ବିଦ୍ୟାଂଶୁ ଲେସଲି, ନରେନ୍ଦ୍ର ମଲ୍ଲିକ, ଜୟନ୍ତ ଜେନା, ରାଧାକୃଷ୍ଣ ପ୍ରଧାନ, ସତ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ବିପିନ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହା ଆସନ୍ତା ନିର୍ବାଚନରେ ଶକ୍ତି ବୃଦ୍ଧି କରିବା ସହ ୧୨୦+ ମିଶନ ପାଇଁ ସହାୟକ ହେବ ବୋଲି ବିଧାୟକ ପ୍ରାର୍ଥୀ ଗୋବିନ୍ଦ ପ୍ରକାଶ କରିଛନ୍ତି।



ଭାଜପାରେ ସାମିଲ ହେଲେ ଅନ୍ୟ ଦଳର ଶତାଧିକ କର୍ମୀ।

# ଭାଗୀରଥିଙ୍କ ବାଇକ୍ ରାଲି

ହାଟଡ଼ିହୀ, ୧୭।୪(ଡି.ଏନ.ଏ.)



ବାଇକ୍‌ରେ ବସି ଭାଗୀରଥି ସେଠୀଙ୍କ ପ୍ରଚାର।

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀ ହାଟଡ଼ିହୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜେଡି ବିଧାୟକ ପ୍ରାର୍ଥୀ ଭାଗୀରଥି ସେଠୀ ପ୍ରଚାରକୁ ଜୋରଦାର କରିଛନ୍ତି। ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ଜେନା ନେତୃତ୍ୱରେ ନିର୍ବାଚନୀ ପ୍ରଚାର ଅନୁଷ୍ଠିତ ହୋଇଛି। ଜିଲା ସଭାପତି ବିଦ୍ୟାଧର ବିଶାଳ, ବରିଷ୍ଠ କର୍ମୀ ବିଶନାଥ ନାୟକ, ବିଜୟ ରାଉତ, ବିଧାୟକ ମାୟାଧର ଯେନା, ଚିନ୍ମୟ ନାୟକ, କଳ୍ପତରୁ ସେଠୀ, ବୀରେନ୍ଦ୍ର ବିଶାଳ, ଯୋଗେନ୍ଦ୍ର ବେହେରା, ବିକ୍ରମ ବିଶାଳ, ଶଶାଙ୍କ ପୁହାଣ, ଅଭିମନ୍ୟୁ ସେଠୀ, ସାବିତ୍ରୀ ସେଠୀ, କୌଶଲ୍ୟା ସେଠୀ, ଜଗନ୍ନାଥ ନାୟକ, ଗୋପାଳ ନାୟକ ପ୍ରମୁଖ ଘରକୁ ଘର ବୁଲି ଭୋଟରଙ୍କୁ ଭୋଟ ଭିକ୍ଷା କରିଥିଲେ।

ପ୍ରଥମେ ହଜାରେରୁ ଉର୍ଦ୍ଧ୍ୱ ଏକ ବିଶାଳ ବାଇକ୍ ରାଲି କରାଯାଇଥିବା ବେଳେ ବିଭିନ୍ନ ଗ୍ରାମ ବୁଲି ନିର୍ବାଚନ ପ୍ରଚାର କରିଥିଲେ। ଭାଗୀରଥି ନିଜର ମାରାଥନ ପ୍ରଚାର କରି ଇଞ୍ଚୋଳ, କଳିଗାଁ, ଓରାଳି, ଅଁରା, ମରେଗାଁ, ହାଟଡ଼ିହୀ, ପନ୍ଦା, ଢେଙ୍କା, ସୋସୋ, ବାଲିବରେଇ, ଅକରୁଆ, ପଞ୍ଚୁଗୋଛିଆ, ବଞ୍ଚୋ, ସୁଲଣ, ଆମୋ, ସମଣା, ହାବଳେଶର, ଶାଳଣିଆଁ ପଞ୍ଚାୟତରେ ନିର୍ବାଚନ ପ୍ରଚାର କରିଥିଲେ।

# କଂଗ୍ରେସ କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ହାଟଡିହୀ,୧୭।୪(ଡି.ଏନ.ଏ.)

ଆନନ୍ଦପୁର ନିର୍ବାଚନମଣ୍ଡଳୀ ହାଟଡିହୀ ବ୍ଲକ ୩୭ ନଂ ଜୋନ୍‌ର ସଡ଼ଙ୍ଗଠାରେ କଂଗ୍ରେସ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ କଂଗ୍ରେସର ବରିଷ୍ଠ ନେତା ଶିଳ୍ପପତି ଅଲେଖ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସମ୍ମିଳନୀରେ ବହୁ ସଂଖ୍ୟାରେ ଅନ୍ୟ ଦଳର କର୍ମୀ କଂଗ୍ରେସକୁ ସମର୍ଥନ ଦେବେ ବୋଲି ସାମିଲ ହୋଇ ସହ ସଂକଳ୍ପ ନେଇଛନ୍ତି; ଯାହା କି ବିରୋଧୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହି ସମ୍ମିଳନୀରେ ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ସମାଗମ ହୋଇଥିଲା। ଅନ୍ୟପକ୍ଷରେ ଏହିଭଳି ଟୁକୁଣାଠାରେ ମଧ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ୮ ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ସମାଗମ ହୋଇଥିଲା। ଆୟୋଜିତ ବୈଠକରେ ପୂର୍ବତନ ଏମ୍‌ପି ପ୍ରାର୍ଥୀ ସଂଗ୍ରାମ ଯେନା, ଚିତ୍ତରଞ୍ଜନ ପାତ୍ର, ବିଷ୍ଣୁପଦ ନାୟକ, ଭିକାରୀ ଚରଣ ବେହେରା, ଚିତ୍ତରଞ୍ଜନ ସାହୁ, ଶ୍ରୀକାନ୍ତ ସାଇଁ, ବାସୁଦେବ ଜେନା, ଅନାଥ ଚରଣ ନାୟକ, ମୁରଲୀଧର ନାୟକ, ମାନସ ବେହେରା, ଲଲାଟେନ୍ଦୁ ନାୟକ, ଶିବଚରଣ ବେହେରା, ବାପି ନାୟକ, ଆଲୋକ ସା, କୀର୍ତ୍ତନ ମାଝି, ବିଦ୍ୟାଧର ବଳ, ସୁଦାମ କାଣ୍ଡି ପ୍ରମୁଖ ଉପସ୍ଥିତି ରହି କଂଗ୍ରେସକୁ ଭୋଟ ଦେଇ ଜିତାଇବା ପାଇଁ କର୍ମୀଙ୍କୁ କହିଥିଲେ। ପ୍ରଦୀପ ବେହେରା, ବୈଲୋଚନ ନାୟକ, ପରେଶ ରାଉତ, ପୂର୍ଣ୍ଣଚନ୍ଦ୍ର ପାତ୍ର, ନିରାକର ରାଉତ, ରବୀନ୍ଦ୍ର ମହାପାତ୍ର, ଯୁବନେତା ଜଗନ୍ନାଥ ନାୟକ, ଲଲାଟେନ୍ଦୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମିଳନୀରେ ଯୋଗ ଦେଇଥିବା କର୍ମୀ।

# ବିଜେଡିରୁ ନବକୃଷ୍ଣ ବହିଷ୍କୃତ

**ବାଲେଶ୍ୱର ଅଫିସ,୧୭।୪:** ଦଳ ବିରୋଧୀ କାର୍ଯ୍ୟ ପାଇଁ ବସ୍ତା ବ୍ଲକ ୧୭ ନମ୍ବର ଜିଲା ପରିଷଦ ଜୋନର ସଭ୍ୟ ନବକୃଷ୍ଣ ଦାସଙ୍କୁ ବିଜେଡି ଜିଲା ସଭାପତି ତଥା ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ତାଙ୍କୁ ବହିଷ୍କାର କରିଛନ୍ତି। ଦୀର୍ଘଦିନ ହେବ ନବକୃଷ୍ଣ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ସହିତ ଦଳର କର୍ମୀମାନଙ୍କୁ ନିର୍ବାଚନ ସମୟରେ ଭିନ୍ନ ମୋଡ଼ ଦେବାକୁ ଚେଷ୍ଟା କରିଥିଲେ। ଦଳୀୟ ସାଙ୍ଗଠନିକ କାର୍ଯ୍ୟରେ ଶୃଙ୍ଖଳା ଭଙ୍ଗ କରିବା ନେଇ ତାଙ୍କ ବିରୋଧରେ ବିଭିନ୍ନ ସମୟରେ ଅଭିଯୋଗ ଆସିଥିବା ବେଳେ ଉପଯୁକ୍ତ ତଥ୍ୟ ପ୍ରମାଣ ପାଇବା ପରେ ଜିଲାସଭାପତି ରବୀନ୍ଦ୍ର ତାଙ୍କୁ ବହିଷ୍କାର କରିଛନ୍ତି।

# ବୁଥ୍‌ସ୍ତରୀୟ କମିଟି ଗଠନ

କୋଲିମାଟି, ୧୭।୪( ଡି.ଏନ.ଏ.)

ଆନନ୍ଦପୁର ବ୍ଲକ ଘସିପୁରା ନିର୍ବାଚନ ମଣ୍ଡଳୀର କୋଲିମାଟି ପଞ୍ଚାୟତ ଭାଲୁହୁଡି ନିକଟରେ ୫ଶହ ଲୋକଙ୍କୁ ନେଇ ବୁଥସ୍ତରୀୟ କମିଟି ଗଠନ ହୋଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଜିତାଇବା ପାଇଁ ଦଳ ତରଫରୁ ମାରାଥନ ପ୍ରଚାର ଜାରି ରହିଛି। ଶିଳ୍ପପତି ନବରଞ୍ଜନ ପଟ୍ଟନାୟକ କୋଲିମାଟିରେ ଆୟୋଜିତ ସଭାରେ ଯୋଗଦେଇ ଭୋଟ ଭିକ୍ଷା କରିଥିଲେ। ଏହି ସଭାରେ କୋଲିମାଟି ପଞ୍ଚାୟତର ସମିତି ସଭ୍ୟ ରଞ୍ଜିତ କୁମାର ମହାରଣା, ବରିଷ୍ଠ କଂଗ୍ରେସ ନେତା ବେଣୁଧର ନାଏକ, ମୁରଲୀଧର ରାଉତ, ନାରାୟଣ ରାଉତ, ଜଗବନ୍ଧୁ ନାଏକ, ଅନେକ କର୍ମୀ ଯୋଗଦେଇଥିଲେ।

### ପୃଥ୍ୱୀରାଜ କୁଅଁରଙ୍କ ମାରାଥନ ପ୍ରଚାର

କୋଲିମାଟି, ୧୭।୪(ଡି.ଏନ.ଏ.)

ଘସିପୁରା ନିର୍ବାଚନମଣ୍ଡଳୀର ବିଧାନସଭା ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ କୁଅଁର ବୁଧବାର ମାରାଥନ ପ୍ରଚାର କରିଛନ୍ତି। ଧକୋଠା ଓ କୋଲିମାଟି ପଞ୍ଚାୟତରେ ସେ ବାଇକ୍ ରାଲି କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ନେଇ ସେ ଲୋକଙ୍କ ପାଖରେ ପହଞ୍ଚୁଛନ୍ତି। ବିଭିନ୍ନ ଗ୍ରାମରେ ଭାଜପା ନେତାଙ୍କୁ ବନ୍ଦାପନା କରାଯାଇଥିଲା। ବିପୁଳ ସଂଖ୍ୟାରେ ଘସିପୁରା ନିର୍ବାଚନମଣ୍ଡଳୀରୁ ଭୋଟ ପାଇ ଜୟଯୁକ୍ତ ହେବି ବୋଲି ପୃଥ୍ୱୀରାଜ କହିଛନ୍ତି।

# ଚମ୍ପୁଆ ରାଜନୀତିରେ ସ୍ୱାଧୀନ ପ୍ରାର୍ଥୀ ଅଡୁଆ

ଚମ୍ପୁଆ, ୧୭।୪(ଡି.ଏନ.ଏ.)

ଚମ୍ପୁଆ ବିଧାନସଭା ଆସନ ହାତେଇବା ପାଇଁ ରଣନୀତି ଆରମ୍ଭ ହୋଇଛି। ୩ ପ୍ରମୁଖ ଦଳର ଭୋଟକୁ ସ୍ୱାଧୀନ ପ୍ରାର୍ଥୀ ଭାଗ କରିପାରନ୍ତି ବୋଲି ରାଜନୈତିକ ସମୀକ୍ଷକ ମତ ପୋଷଣ କରିଛନ୍ତି । ୩ ପ୍ରମୁଖ ଦଳର ପ୍ରାର୍ଥୀ ଗାଁକୁ ଗାଁ ବୁଲି ବାଇକ୍ ରାଲି ମାଧ୍ୟମରେ ପ୍ରଚାରକୁ କରୁଛନ୍ତି। ବିଜେଡି ପ୍ରାର୍ଥୀ ମୀନାକ୍ଷୀ ମହାନ୍ତ ରାଜ୍ୟ ସରକାରଙ୍କ ଯୋଜନାକୁ ଆଧାର କରି ପ୍ରଚାର କରୁଛନ୍ତି। ଭାଜପା ପ୍ରାର୍ଥୀ ମୁରଲୀ ମନୋହର ଶର୍ମା ଓ କଂଗ୍ରେସ ପ୍ରାର୍ଥୀ ଯଦୁମଣୀ ବାରିକ ରାଜ୍ୟ ସରକାରଙ୍କ ବିଫଳତାକୁ ଆଧାର କରି ପ୍ରଚାର କାର୍ଯ୍ୟ ଚଳାଇଛନ୍ତି।

ସ୍ୱାଧୀନ ପ୍ରାର୍ଥୀ ଶ୍ରୀମନ୍ତ ତ୍ରିପାଠୀ, ମହେନ୍ଦ୍ର କୁମାର ଗିରି, ଗୁରୁବକ୍ସ ସିଂ ଆଲୁୱାଲିଆ ପ୍ରମୁଖ ସମାଜସେବାକୁ ଆଧାର କରି ପ୍ରଚାର କାର୍ଯ୍ୟ ଚଳାଇଛନ୍ତି। ୩ ପ୍ରମୁଖ ଦଳର ପ୍ରାର୍ଥୀ ନିଜ ସପକ୍ଷରେ ଭୋଟ ଦେବାକୁ ଭୋଟ ଭିକ୍ଷା କରୁଛନ୍ତି। ସେମାନଙ୍କ ପାଇଁ ସ୍ୱାଧୀନ ପ୍ରାର୍ଥୀ ଅଡୁଆ ହୋଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ଯଦୁମଣୀ ପୁରୁଣା କଂଗ୍ରେସ କର୍ମୀଙ୍କୁ ଧରି ନିର୍ବାଚନ ବୈତରଣୀ ପାର ହେବାର ଚେଷ୍ଟା ଚଳାଇଛନ୍ତି।

# ସନ୍ଥେଭ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ

କେନ୍ଦୁଝର, ୧୭।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗା ସରକାରୀ ସନ୍ଥେଭ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଙ୍ଗିତା ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଲାଲମୋହନ ମହାନ୍ତ ବାର୍ଷିକ ବିବରଣୀ ପଠନ କରିଥିଲେ। ଉତ୍ସବରେ ହଳଦିଆଗୁଣା ଏମ୍‌ଏସ୍‌ପି ସ୍ପ ଆଇରନ ପ୍ଲାଣ୍ଟର ସଭାପତି ଦେବବ୍ରତ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଜିର ସମାଜରେ ନୈତିକ ଶିକ୍ଷାର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝରେ ସିଟିଜି ଫାଉଣ୍ଡେଶନର ଚେୟାରମ୍ୟାନ ରାଜେନ୍ଦ୍ର କୁମାର ପଲୋଇ ଜ୍ଞାନ କ୍ଷେତ୍ରର ଯଥାର୍ଥକୁ ପ୍ରତିପାଦନ କରିବା ଉପରେ ଗୁରୁତ୍ୱାରୋପ କରିଥିଲା । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପଳାଶପଙ୍ଗା ପଞ୍ଚାୟତର ସରପଞ୍ଚ ସଞ୍ଜୟ କୁମାର ନାଏକ ଯୋଗଦେଇ ଛାତୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଶ୍ୟତ କାମନା କରିଥିଲେ।

ଏହି ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଏମ.ଏନ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨୦୧୮ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଥିବା ଛାତ୍ର ନାରାୟଣ ରଣାକୁ ୧ ହଜାର ଟଙ୍କା ସହ ମାନପତ୍ର ଓ ଉପଢୌକନ ଦେଇ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବରେ ଶିକ୍ଷକ ଲୋଚନ ମହାନ୍ତ, ଦୟାନିଧି ବେହେରା, ସୁବର୍ଣ୍ଣ ନାଏକ, ଶିକ୍ଷୟିତ୍ରୀ ରଙ୍ଗଲତା ପ୍ରଧାନ, ଦୀପ୍ତିମୟୀ ପାତ୍ର ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ବିଦ୍ୟାଳୟରେ ଦୈତାରିଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୧୭।୪(ସ୍ୱ.ପ୍ର.)

ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ସଦର ବ୍ଲକ ଅନ୍ତର୍ଗତ ବନାଯୋଡ଼ିସ୍ଥିତ ଆନନ୍ଦାଶ୍ରମ ଓ ସାଇଆନନ୍ଦ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ଜୀବନରେ କର୍ମର ମୂଲ୍ୟ ଓ ଜଣେ ମଣିଷ ସମାଜ ପାଇଁ କିଛି କରିବାର ପ୍ରୟାସ କିପରି ଶୀର୍ଷକୁ ପହଞ୍ଚାଇଥାଏ ସେ ନେଇ ଭାବବିହ୍ୱଳ ହୋଇ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଆଇଡିଏର ସମ୍ପାଦିକା ସେବତୀ ସିଂ ଉପସ୍ଥିତ ରହି ତାଙ୍କର ଉଦ୍ୟମ ଓ ମିଳିଥିବା ସର୍ବୋଚ୍ଚ ପୁରସ୍କାରକୁ ପ୍ରଶଂସା କରିଥିଲେ।

